Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ ବଦର କାଦିଆନ

The Weekly BADAR Qadian ODIA

ସଂଖ୍ୟା 12-13

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 23/30 ମାର୍ଚ୍ଚ 2017 23/30 ଅମାନ୍ 1396 ହି.ଶ 23 ଯମାଦିଲ୍ ସାନି/1 ରଜବ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଆମର ଖୁଦା ସେହି ଖୁଦା ଅଟନ୍ତି ଯିଏ ବର୍ତମାନ ମଧ୍ୟ ସେପରି ଜିବୀତ ଅଛନ୍ତି ଯେପରି ସେ ପୂର୍ବେ ଜିବୀତ ଥିଲେ । ଏବେ ମଧ୍ୟ ସେ କହୁଛନ୍ତି ଯେପରି ସେ ପୂର୍ବରୁ କହୁଥିଲେ । ଏବେ ମଧ୍ୟ ସେ ଶୁଣୁଛନ୍ତି ଯେପରି ସେ ପ୍ରଥମେ ଶୁଣୁଥିଲେ । ଏ ଧାରଣା ଭ୍ରାନ୍ତ ଅଟେ ଯେ ସେ ଏ ଯୁଗରେ ଶୁଣୁଛନ୍ତି କିନ୍ତୁ କହୁନାହାଁନ୍ତି । ବାସ୍ତବରେ ସେ ଶୁଣୁଛନ୍ତି ଏବଂ କହୁଛନ୍ତି ମଧ୍ୟ । ତାଙ୍କର ସବୁଗୁଣ ଅନାଦି ଓ ସର୍ବକାଳୀନ ଅଟେ । କୌଣସି ଗୁଣ ମଧ୍ୟ ନିଲମ୍ବିତ ନୁହେଁ ଏବଂ ନା କେବେ ନିଲମ୍ବିତ ହେବ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ହେ ସମସ୍ତ ଶୁଣିବା ବ୍ୟକ୍ତି ଶୁଣିରଖ ! କି ଖୁଦା (ଅଲ୍ଲାଃ) ତୁମଠାରୁ କଣ ଚହୁଁଛନ୍ତି । କେବଳ ଏତିକି ଯେ ତୁମେ ତା'ର ହୋଇଯାଅ । ତା'ର ସମତୁଲ କାହାକୁ ମଧ୍ୟ କରନାହିଁ ନାଁ ଆକାଶରେ ନାଁ ପୃଥିବୀରେ । ଆମର ଖୁଦା ସେହି ଖୁଦା ଅଟନ୍ତି ଯିଏ ବର୍ତମାନ ମଧ୍ୟ ସେପରି ଜିବୀତ ଅଛନ୍ତି ଯେପରି ସେ ପୂର୍ବେ ଜିବୀତ ଥିଲେ । ଏବେ ମଧ୍ୟ ସେ କହୁଛନ୍ତି ଯେପରି ସେ ପୂର୍ବରୁ କହୁଥିଲେ । ଏବେ ମଧ୍ୟ ସେ ଶୁଣୁଛନ୍ତି ଯେପରି ସେ ପ୍ରଥମେ ଶୁଣୁଥିଲେ । ଏ ଧାରଣା ଭ୍ରାନ୍ତ ଅଟେ ଯେ ସେ ଏ ଯୁଗରେ ଶୁଣୁଛନ୍ତି କିନ୍ତୁ କହୁନାହାଁନ୍ତି । ବାସ୍ତବରେ ସେ ଶୁଣୁଛନ୍ତି ଏବଂ କହୁଛନ୍ତି ମଧ୍ୟ । ତାଙ୍କର ସବୁଗୁଣ ଅନାଦି ଓ ସର୍ବକାଳୀନ ଅଟେ । କୌଣସି ଗୁଣ ମଧ୍ୟ ନିଲମ୍ବିତ ନୁହେଁ ଏବଂ ନା କେବେ ନିଲମ୍ବିତ ହେବ । ସେ ସେହି ଓ୍ୱାହିଦ୍ ଲାଶରିକ୍ (ଏକ ଓ ଅସମକକ୍ଷ) ଅଟନ୍ତି ଯାହାର କୌଣସି ପୁତ୍ର ନାହାଁନ୍ତି ଏବଂ ଯାହାର କେହି ସ୍ତ୍ରୀ ନାହାଁନ୍ତି । ସେ ସେହି ଅତୁଳନୀୟ (ଅନୁପମ) ଅଟନ୍ତି ଯାହାଙ୍କ ସଦୃଶ କେହି ନାହାଁନ୍ତି ଏବଂ ତାଙ୍କପରି କୌଣସି ବ୍ୟକ୍ତି ବିଶେଷ ଗୁଣର ଅଧିକାରୀ ନୁହେଁ ଏବଂ ଯାହାଙ୍କର କେହି ଅନୁରୂପ ନାହାଁନ୍ତି । ଯାହାଙ୍କ ଗୁଣର କେହି ସମକକ୍ଷ ନୁହଁନ୍ତି ଏବଂ ଯାହାଙ୍କର କୌଣସି ଶକ୍ତି କମ୍ ନୁହେଁ । ସେ ଦୂରରେ ଥିବା ସତ୍ୱେ ମଧ୍ୟ ପାଖରେ ଅଛନ୍ତି ଏବଂ ପାଖରେ ଥିବା ସତ୍ୱେ ମଧ୍ୟ ଦୂରରେ ଅଛନ୍ତି । ସେ ଅହ୍‌ଲେ କଶଫ୍ (ଯିଏ ଜାଗ୍ରତ ସମୟରେ ସ୍ୱପ୍ନ ସଦୃଶ ଦୃଶ୍ୟ ଦେଖିଥାନ୍ତି)ଙ୍କ ଉପରେ ନିଜକୁ ରୂପ ଦେଇ ପ୍ରକଟ କରିପାରେ କିନ୍ତୁ ତାଙ୍କପାଇଁ ନା କୌଣସି ଶରୀରର ଆବଶ୍ୟକତା ଅଛି ନା କୌଣସି ରୂପର ଆବଶ୍ୟକତା ଅଛି । ସେ ସମସ୍ତଙ୍କଠାରୁ ଉର୍ଦ୍ଧ୍ୱରେ । କିନ୍ତୁ କହିପାରିବା ନାହିଁ ଯେ ତାଙ୍କ ତଳେ ଆଉ କେହି ଅଛି ବୋଲି । ସେ ଆକାଶରେ ଅଛନ୍ତି କିନ୍ତୁ ଆମେ କହିପାରିବା ନାହିଁ ଯେ ପୃଥିବୀରେ ନାହାଁନ୍ତି ବୋଲି । ସେ ସକଳ ସମ୍ପୂର୍ଣ୍ଣ ଗୁଣର ସମାହାର ଅଟନ୍ତି ଏବଂ ସମସ୍ତ ବାସ୍ତବିକ ପ୍ରଶଂସାର ସୂଚକ ଅଟନ୍ତି । ସକଳ ସୁଗୁଣର ସ୍ରୋତ ଅଟନ୍ତି । ପ୍ରତ୍ୟେକ ଶକ୍ତିର ଆଧାର ଅଟନ୍ତି । ସକଳ ଲାଭର ଆରମ୍ଭ ସ୍ଥଳ ଏବଂ ସକଳ ବସ୍ତୁର ପ୍ରତ୍ୟାଗମନର ସ୍ଥାନ ଅଟନ୍ତି । ମାଲିକ ଅଟନ୍ତି ପ୍ରତ୍ୟେକ ଦେଶର ଏବଂ ସ୍ୱୟଂସମ୍ପୂର୍ଣ୍ଣ ଅଟନ୍ତି ପ୍ରତ୍ୟେକ ଗୁଣରେ । ପ୍ରତ୍ୟେକ ଅବଗୁଣ ଓ ତ୍ରୁଟିରୁ ରହିତ ଅଟନ୍ତି । ସେ ଏ କଥାର ପ୍ରମୁଖ ଅଟନ୍ତି ଯେ ପୃଥିବୀ ବାସୀ ଏବଂ ଆକାଶବାସୀ ତାଙ୍କର ଉପାସନା କରନ୍ତୁ ।

**(ରେସାଲା ଅଲ୍ ଓ୍ୱସିୟତ୍)**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା-୭ ର ଅବଶିଷ୍ଟାଂଶ......*

ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ମୁଁ ଏହି ବାର୍ତାକୁ ନିଜ ସାଥିରେ ନେଇଯିବି । ନିଜର ଜୀବନରେ ପ୍ରୟୋଗ କରିବା ପାଇଁ ଚେଷ୍ଟା କରିବି ।

*ଜଣେ ଅତିଥି କର୍ସା ନିଜର ଭାବନା ବ୍ୟକ୍ତ କରି କହିଲେ: ମୋର ଏଠାକୁ ଆସିବା ମୋ ପାଇଁ ଇଜ୍ଜତ୍ ଏବଂ ଗର୍ବ ଥିଲା । ଏହି ଭାଷଣ ଯାହାର ବିଷୟବସ୍ତୁ ଶାନ୍ତି ଥିଲା ତାହା ବହୁତ ସୁନ୍ଦର ଥିଲା । ଆମେ ଟେଲିଭିଜନ୍‌ରେ ବହୁତ ଭାଷଣ ଶୁଣୁଛୁ ଯେଉଁଠି ଯୁଦ୍ଧ ଏବଂ ଘୃଣା ପ୍ରସାରଣ କରାଯାଉଛି । ତେଣୁ ଏଠି ପ୍ରେମ ଏବଂ ଶାନ୍ତିପ୍ରିୟ କଥା ଶୁଣି ବହୁତ ଖୁସି ଲାଗୁଛି ।

*ଜଣେ ଅତିଥି ସାଂଟିଲ୍ ନିଜର ଭାବନା ବ୍ୟକ୍ତ କରି କହିଲେ: ମୋତେ ଏଠାକୁ ଆସି ବହୁତ ଖୁସି ଲାଗିଲା । ଆପଣମାନେ ମୋତେ ନିମନ୍ତ୍ରଣ କରିବା ମୋ ପାଇଁ ଗର୍ବର ବିଷୟ ଥିଲା । ଭାଷଣରେ ସେହି କଥାର ଚର୍ଚ୍ଚା ଥିଲା ଯେ ଆମ୍ଭେ କିପରି ମିଳିମିଶି ରହିପାରିବା ଏବଂ ମୁଁ ଆଶା କରୁଛି ଯେ ଅନ୍ୟ ଲୋକମାନେ ମଧ୍ୟ ଏହି ବାର୍ତାକୁ ଶୁଣିବେ ।

*ଅନିତା ସମ୍ରା ନିଜର ଭାବନା ବ୍ୟକ୍ତ କରି କହିଲେ: ଏହା ଏକ ଅପୂର୍ବ ସୁଯୋଗ ଥିଲା । ଖଲିଫାଙ୍କ ଭାଷଣ ଶୁଣିଲୁ ଏବଂ ଇସ୍‌ଲାମୀ କମ୍ୟୁନିଟିକୁ ମଧ୍ୟ ଦେଖିଲୁ । ମୋ ପାଇଁ ଅତ୍ୟନ୍ତ ଖୁସିର ବିଷୟ ଥିଲା ଯେ ମୋତେ ହଜୁର୍‌ଙ୍କର ଅଟୋଗ୍ରାଫ୍ ସୁଯୋଗ ମଧ୍ୟ ମିଳିଲା ।

*ହ୍ୟୁ କୋର୍ଟନି ଡ଼ିଜାଇନର୍ ନିଜର ଭାବନା ବ୍ୟକ୍ତ କରି କହିଲେ: ହଜୁର୍‌ଙ୍କର ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ମୁଁ ବହୁତ ଖୁସି ଅଛି ଏବଂ ପ୍ରଭାବିତ ହୋଇଛି । ଖଲିଫାଙ୍କଠାରେ ଏକ ପ୍ରକାର ତେଜ ଥିଲା । ଯେତେବେଳେ ମୁଁ ଆପଣଙ୍କ ନିକଟରେ ପହଂଚିଲି ଏକ ପ୍ରକାର କମ୍ପନ ମୋ ଦେହରେ ଖେଳିଗଲା । ତେଣୁ ନିଶ୍ଚିତ ରୂପେ ଆପଣଙ୍କ ନିକଟରେ କୌଣସି ପବିତ୍ର ଶକ୍ତି ଅଛି । ହଜୁର୍ ଜଣେ ବିନମ୍ର ବ୍ୟକ୍ତି ଅଟନ୍ତି ଏବଂ ଏହା ଜଣେ ବିନମ୍ର ବ୍ୟକ୍ତି ଅନୁଭବ କରିପାରିବ ।

*ଫ୍ରାନ୍‌ସିସ୍ ଅତାଓ ମେମ୍ବର୍ ଅଫ୍ ୟୁଗାଣ୍ଡା ମିଡ଼୍‌ଜ ଚର୍ଚ୍ଚ ନିଜର ଭାବନା ବ୍ୟକ୍ତ କରି କହିଲେ: ଖଲିଫା ନିଜର ଭାଷଣରେ ବତାଇଲେ ଯେ ଆମ୍ଭେ କିପରି ଏହି କଥାକୁ ଅର୍ଥାତ୍ ''ମୋହବତ୍ ସବ୍ କେ ଲିଏ (ପ୍ରେମ ସଭିଙ୍କ ପାଇଁ)'' ନିଜ ଜୀବନରେ ପ୍ରୟୋଗ କରିପାରିବା । ଆପଣ ନିଜେ ନିଜର ଅମଲ ଦ୍ୱାରା ଦେଖାଇଦେଲେ ଯେ କିପରି ଆମ୍ଭେ ଏହା ଉପରେ ଅମଲ କରିପାରିବା । ଆପଣ ଇସ୍‌ଲାମୀୟ ଶିକ୍ଷା ଉପରେ ବକ୍ତବ୍ୟ ଦେଲେ ଯେଉଁଥିରୁ ସ୍ପଷ୍ଟ ହୋଇଗଲା ଯେ ଯେଉଁକଥା ମିଡ଼ିଆ ଦ୍ୱାରା ଇସ୍‌ଲାମ୍ ଉପରେ ଆକ୍ଷେପ କରାଯାଉଛି ତାହା ମିଛ ଅଟେ । ଯେଉଁ କଥା ଖଲିଫା ବର୍ଣ୍ଣନା କଲେ ତାହା ସତ୍ୟ ଅଟେ । ବାସ୍ତବିକ ଏହା ଅଟେ ଯେ ପ୍ରକୃତ ମୁସଲ୍‌ମାନ ଅନ୍ୟକୁ ସୁରକ୍ଷା ଦେଇଥାଏ ।

*ଜ୍ୟାକ୍ ଗ୍ରେନ୍ ବର୍ଗ୍ ଓଂଟାରିଓ ପି.ସି ୟୁଥ୍ ଆସୋସିଏସନ୍ ନିଜର ଭାବନା ବ୍ୟକ୍ତ କରି କହିଲେ: ଖଲିଫାଙ୍କ ଭାଷଣ ଭାବନା ଦ୍ୱାରା ପୂର୍ଣ୍ଣ ଥିଲା । ଯାହା ଦ୍ୱାରା ମୋତେ ବହୁତ ପ୍ରୋତ୍ସାହନ ମିଳିଥିଲା । ଆପଣ ନିଜ ଭାଷଣରେ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଚର୍ଚ୍ଚା କଲେ । ମୋ ମତରେ ଖଲିଫା କେବଳ ଅହେମଦୀଙ୍କ ନିମନ୍ତେ ନୁହେଁ ବରଂ ପ୍ରତ୍ୟେକ ମୁସଲ୍‌ମାନଙ୍କ ପାଇଁ ଗୋଟିଏ ସୁଦୃଢ଼ ଧ୍ୱନି ଅଟେ । ଖଲିଫା ଯେଉଁ କଥା କହିଲେ ତାହା ମୋ ଉପରେ ଗଭୀର ପ୍ରଭାବ ପକାଇଲା ଯେ ଆମେ ଆଉ ଗୋଟିଏ ବିଶ୍ୱଯୁଦ୍ଧକୁ ବରଦାସ୍ତ କରିପାରିବା ନାହିଁ । ତେଣୁ ପ୍ରତ୍ୟେକ ଗୋଷ୍ଠୀଙ୍କୁ ମିଳିତ ରୂପେ କାର୍ଯ୍ୟ କରିବାକୁ ହେବ । ନିଜ ନିଜର କର୍ତବ୍ୟ ସମ୍ପାଦନ କରିବାକୁ ହେବ ।

*ପ୍ୟାରାସିଂ କାଦୁଆଲ୍ ଲେଖକ ନିଜର ଭାବନା ବ୍ୟକ୍ତ କରି କହିଲେ: ଯେଉଁ ଶବ୍ଦ ହଜୁର୍ ବର୍ଣ୍ଣନା କଲେ ଶାନ୍ତି ସ୍ଥାପନା ପାଇଁ ତାହା ଅତ୍ୟନ୍ତ ଆବଶ୍ୟକ ଅଟେ । ଯଦି ଆମେ ଏହି ଅଧା ଉପଦେଶ ଉପରେ ଅମଳ କରିପାରିବା ତେବେ ଆମର ଏକକ ଏବଂ ସାମାଜିକ ଜୀବନରେ ଶାନ୍ତ ସ୍ଥାପନ ହୋଇଯିବ ଏବଂ ଯେଉଁ ଯୁଦ୍ଧ ହେଉଅଛି ତାହା ଶେଷ ହୋଇଯିବ । ମୁଁ ଆଜିର ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ।

*ପିଟର୍ ଜୋରାନ୍‌ଟସ୍ ରିଅଲ୍ ଇଷ୍ଟେଟ୍ ନିଜର ଭାବନା ବ୍ୟକ୍ତ କରି କହିଲେ: ମୁଁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଥିଲି । ହଜୁର୍ ମୋତେ ଏହାର ସୁଯୋଗ ଦେଲେ । ମୋତେ ହଜୁର୍‌ଙ୍କ ସହିତ ମିଶି ବହୁତ ଖୁସି ଲାଗିଲା ।

*ଜଣେ ଅତିଥି ହର୍‌ଜୋତ୍ ନାମୀ ନିଜର ଭାବନା ବ୍ୟକ୍ତ କରି କହିଲେ: ମୋତେ ଭଲ ଲାଗିଲା । ମୋହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ (ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ) । ଏ ସବୁ ବହୁତ ଭଲ ଥିଲା । (ଅଖ୍‌ବାର୍ ବଦର୍, ଉର୍ଦ୍ଦୁ ୧୯ ଜାନୁଆରୀ-୨୦୧୭)

## ମହିଳା ଶିକ୍ଷକଙ୍କ ଆବଶ୍ୟକ ଅଛି !

ନଜାରତ୍ ତାଲିମ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା ଆନୁକୁଲ୍ୟରେ ଶିକ୍ଷାନୁଷ୍ଠାନ କାଦିଆନ୍‌ଠାରେ ସେବା ମନୋଭାବ ରଖୁଥିବା ମହିଳାମାନଙ୍କର ଏତେଲା ପାଇଁ ଲେଖାଯାଉଅଛି ଯେ: (୧) ପ୍ରାର୍ଥୀନୀଙ୍କ ବୟସ ୧୮ ବର୍ଷରୁ ଅଧିକ ଏବଂ ୩୭ବର୍ଷରୁ କମ୍ ହୋଇଥିବା ଜରୁରୀ ଅଟେ । ଶିକ୍ଷା ଅତି କମ୍‌ରେ ୧୦+୨ ହୋଇଥିବ ଏବଂ ମୋଟାମୋଟି ଅତି କମ୍‌ରେ ୫୦ ପ୍ରତିଶତ ନମ୍ବର୍ ହାସଲ୍ କରିଥିବେ । ଯଦି ୧୦+୨ ରେ ୫୦ ପ୍ରତିଶତ ରୁ କମ୍ ନମ୍ବର୍ ଥିବ ତେବେ ଏହାଠାରୁ ଅଧିକ ଶିକ୍ଷା ଗ୍ରାଜୁଏସନ୍ ବା ପୋଷ୍ଟ୍ ଗ୍ରାଜୁଏସନ୍‌ରେ ୫୦ ପ୍ରତିଶତ ନମ୍ବର୍ ହାସଲ୍ କରିବା ଜରୁରୀ ଅଟେ । (୨) ୧୦+୨ ବା ତଦ୍ରୋଧିକ ଉଚ୍ଚଶିକ୍ଷା ପାଇଁ ପ୍ରତ୍ୟେକ ସେମିଷ୍ଟାର୍ ଏବଂ ପ୍ରତ୍ୟେକ ବର୍ଷର ମାର୍କସିଟ୍ ଓ ଡିଗ୍ରୀ ଏବଂ ତା ପରେ ଟିଚର୍ ଟ୍ରେନିଂ ଓ ଅନ୍ୟାନ୍ୟ ସାର୍ଟିଫିକେଟ୍‌ର ଆଟେଷ୍ଟେଡ୍‌ର ନକଲକୁ ଦରଖାସ୍ତ ଫର୍ମ ସହିତ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟକୁ ପଠାନ୍ତୁ । (୩) ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀନିଙ୍କର ଇଂଟର୍‌ଭିଉ ନିଆଯିବ । କେବଳ ସେହି ପ୍ରାର୍ଥିନୀଙ୍କୁ ଟିଚର୍ ରୂପେ ଚୟନ ପାଇଁ ଚିନ୍ତା କରାଯିବ ଯିଏ ମର୍କଜି କମିଟି ଦ୍ୱାରା ପରିଚାଳିତ ପରୀକ୍ଷା ଓ ଇଂଟର୍‌ଭିଉରେ ପାସ୍ ହୋଇଥିବେ । (୪)ପ୍ରାର୍ଥୀନୀଙ୍କର ଅଂଗ୍ରେଜୀ ଭାଷାର ସ୍ତର ଅଧିକ ହେବା ଜରୁରୀ ଅଟେ । (୫)ସାପ୍ତାହିକ ବଦର୍‌ରେ ଘୋଷଣା ହେବାର ଦୁଇମାସ ପରେ ପରୀକ୍ଷାର ଧାର୍ଯ୍ୟ ତାରିଖ ଜଣାଇ ଦିଆଯିବ । (୬)ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାରରେ ଉତୀର୍ଣ୍ଣ ହେବା ପରେ ପ୍ରାର୍ଥୀନୀଙ୍କୁ ନୁର୍ ହସ୍‌ପିଟାଲ୍ ଦ୍ୱାରା ନିରୀକ୍ଷଣ କରାଇବାକୁ ହେବ । କେବଳ ସେହି ପ୍ରାର୍ଥିନୀ ଟିଚର୍ ରୂପେ ସେବା କରିବାର ସୁଯୋଗ ପାଇବେ ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍ ଦ୍ୱାରା ଦିଆଯାଇଥିବା ସ୍ୱାସ୍ଥ୍ୟ ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ୍ ଏବଂ ନିରୋଗୀ ହୋଇଥିବେ । (୭)ଯଦି କୌଣସି ପ୍ରାର୍ଥିନୀଙ୍କୁ କୌଣସି ଟିଚର୍ ନିମନ୍ତେ ସିଲେକ୍‌ସନ୍ କରାଯିବ ତେବେ ଏହି ଅବସ୍ଥାରେ ତାଙ୍କୁ କାଦିଆନ୍‌ରେ ନିଜର ରହିବାର ବ୍ୟବସ୍ଥା ନିଜେ କରିବାକୁ ହେବ । (୮)କାଦିଆନ୍ ଯିବା ଆସିବାର ଖର୍ଚ୍ଚ ପ୍ରାର୍ଥିନୀ ନିଜେ ବହନ କରିବେ । (୯)ଏହି ଦରଖାସ୍ତ ଫର୍ମ ନଜାରତ୍ ଦିଓ୍ୱାନ୍ ଦ୍ୱାରା ଉପଲବ୍ଧ ହେବ । ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ । (ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍)

**ଯୋଗାଯୋଗ ପାଇଁ ମୋବାଇଲ୍:-**

**୦୯୮୧୫୪୩୩୭୬୦, ଅଫିସ୍-୦୧୮୭୨୫୦୧୧୩୦**

**Email : nazaratdiwanqdn@gmail.com**

****************

# ଖୁତ୍‌ବା ଜୁମା

◆ଯେପରିକି ଆମେ ସମସ୍ତେ ଜାଣିଛେ ଫେବୃୟାରୀ ୨୦ତାରିଖ ଆମ ଜମାଅତରେ ମୁସ୍‌ଲେହ ମଉଦ ଦିବସ ଭାବରେ ଜଣାଯାଏ । ଏହା ଏକ ବୃହତ ଭବିଷ୍ୟବାଣୀ ଯେଉଁଥିରେ ହଜରତ ମସିହ ମଉଦ ଆ.ସଙ୍କୁ ଏକ ବିଶିଷ୍ଟ ପୁତ୍ର ସନ୍ତାନ ଜନ୍ମ ହେବାର ସୁସମ୍ବାଦ ଦିଆଯାଇଥିଲା, ଯେ ଅସଂଖ୍ୟ ସୁଗୁଣର ଅଧିକାରୀ ଓ ଦୀର୍ଘ ଜୀବି ହେବାର ଦର୍ଶାଯାଇଥିଲା । ହଜରତ ମସିହ ମଉଦ ଆ.ସଙ୍କର ଜମାଅତ ମୁସଲେହ ମଉଦ ର.ଆଙ୍କ ସମୟ କାଳରେ ଅସାଧାରଣ ଉନ୍ନତି କରିବାର ଭବିଷ୍ୟବାଣୀ ଥିଲା । ସୁତରାଂ ଜମାଅତ ଅହେମଦିୟାର ଇତିହାସ ସାକ୍ଷୀ ଅଟେ ଯେ, ହଜରତ ମିର୍ଜା ବଶିରୁଦ୍ଦିନ ମହେମୁଦ ଅହେମଦ ସାହେବଙ୍କର ୫୨ ବର୍ଷିୟ ଖିଲାଫତ୍ ଅବଧିରେ ଉକ୍ତ ଭବିଷ୍ୟବାଣୀର ଗୋଟିଏ ଗୋଟିଏ ଶବ୍ଦ ବାସ୍ତବରେ ପରିଣତ ହୋଇଛି । ଜଣେ ନ୍ୟାୟବନ୍ତ ତଥା ଆଧାତ୍ମିକ ଦୃଷ୍ଟି ରଖୁଥିବା ବ୍ୟକ୍ତି ନିମନ୍ତେ ହଜରତ ମସିହ ମଉଦ ଆ.ସଙ୍କର ଏହି ଭବିଷ୍ୟବାଣୀ ହିଁ ତାଙ୍କର ସତ୍ୟବାଦୀ ହେବାର ବେଶ୍ ବଡ଼ ପ୍ରମାଣ ଅଟେ ।

**ତେଣୁ ଆଜି ମୁଁ ସେଥିସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଆଙ୍କ ଶବ୍ଦରେ କିଛି ଚର୍ଚ୍ଚା କରିବାକୁ ଯାଉଛି । ଯାହାକି ଆପଣଙ୍କ ସମ୍ବନ୍ଧରେ ଥିବା ରୁହୁଲ୍ ହକ୍ ର ସୌଭାଗ୍ୟ ଲାଭ କରିବାର ଭବିଷ୍ୟବାଣୀକୁ ପ୍ରମାଣିତ କରୁଅଛି ।**

◆ ଅଲ୍ଲାଃତାଲା ଅନ୍ତିମ ଦିବସ ପର୍ଯ୍ୟନ୍ତ ତୁମ ମାନ୍ୟକାରୀମାନଙ୍କୁ ତୁମ ଅମାନ୍ୟକାରୀମାନଙ୍କ ଉପରେ ବିଜୟ ପ୍ରଦାନ କରିବେ । ଏଥିରେ ଏହା ଦର୍ଶାଯାଇଛି ଯେ, ଅଲ୍ଲାଃ ନିଶ୍ଚିତ ଦିନେ ମୋତେ ଅନୁରୂପ (ଜିଲ୍ଲୀ) ନବୀର ମର୍ଯ୍ୟାଦା ପ୍ରଦାନ କରିବେ । କାରଣ ଜଣେ ଖଲିଫାର ଜମାଅତ ତାହାର ଜୀବନ କାଳ ପର୍ଯ୍ୟନ୍ତ ରହିଥାଏ । କିନ୍ତୁ କେବଳ ଜଣେ ନବୀର ଜମାଅତ ଅବା ତାହାର ଅନୁରୂପ ନବୀଙ୍କର ଜମାଅତ ତାହାର ଦେହାନ୍ତ ପରେ ମଧ୍ୟ ଅବ୍ୟାହତ ରହିଥାଏ । ସେହିପରି **କଫରୁ** ଶବ୍ଦ ଦର୍ଶାଉଛି ଯେ, ଖିଲାଫତ୍ ପରେ ମୋତେ ଆଉ ଏକ ଉପାଧି ପ୍ରାପ୍ତ ହେବ, ଯାହାକି ଅନୁରୂପ ନବୀ ପରି ଅଟେ ।

◆ ହଜରତ ମୁସଲେହ ମଉଦ ର.ଆଙ୍କ ଭବିଷ୍ୟବାଣୀ, ଦିବ୍ୟସ୍ୱପ୍ନ ମାଧ୍ୟମରେ ଆପଣଙ୍କର ଶ୍ରେଷ୍ଠତମ ଆସନ ଓ ସ୍ତର ।

◆ ଆସନ୍ତା ଦିନ ଗୁଡ଼ିକରେ ଯମାତ୍ ମାନଙ୍କରେ ଏହି ଭବିଷ୍ୟବାଣୀର ସମ୍ପର୍କରେ ଜଲ୍‌ସା ଅନୁଷ୍ଠିତ ହେବ । ଯମାତ୍‌ର ଲୋକମାନଙ୍କୁ ଏଥିରେ ଅଧିକରୁ ଅଧିକ ସାମିଲ୍ ହେବା ଉଚିତ୍ । ଏମ୍.ଟି.ଏ ରେ ପ୍ରୋଗ୍ରାମ୍‌ମାନ ଆସୁଅଛି । ସେଗୁଡିକ ଶୁଣିବା ଉଚିତ୍ । ଯଦ୍ୱାରା ଏହି ଭବିଷ୍ୟବାଣୀ ଉପରେ ଅଧିକା ଜ୍ଞାନ ଆହୋରଣ ହୋଇପାରିବ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୭ ଫେବୃଆରୀ ୨୦୧୭ ଅନୁଯାୟୀ ୧୭ ତବ୍‌ଲିଗ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ- بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଯେପରିକି ଆମେ ସମସ୍ତେ ଜାଣିଛେ ଫେବୃୟାରୀ ୨୦ତାରିଖ ଆମ ଜମାଅତରେ ମୁସ୍‌ଲେହ ମଉଦ ଦିବସ ଭାବରେ ଜଣାଯାଏ । ଏହା ଏକ ବୃହତ ଭବିଷ୍ୟବାଣୀ ଯେଉଁଥିରେ ହଜରତ ମସିହ ମଉଦ ଆ.ସଙ୍କୁ ଏକ ବିଶିଷ୍ଟ ପୁତ୍ର ସନ୍ତାନ ଜନ୍ମ ହେବାର ସୁସମ୍ବାଦ ଦିଆଯାଇଥିଲା, ଯେ ଅସଂଖ୍ୟ ସୁଗୁଣର ଅଧିକାରୀ ଓ ଦୀର୍ଘ ଜୀବି ହେବାର ଦର୍ଶାଯାଇଥିଲା । ହଜରତ ମସିହ ମଉଦ ଆ.ସଙ୍କର ଜମାଅତ ମୁସଲେହ ମଉଦ ର.ଆଙ୍କ ସମୟ କାଳରେ ଅସାଧାରଣ ଉନ୍ନତି କରିବାର ଭବିଷ୍ୟବାଣୀ ଥିଲା । ସୁତରାଂ ଜମାଅତ ଅହେମଦିୟାର ଇତିହାସ ସାକ୍ଷୀ ଅଟେ ଯେ, ହଜରତ ମିର୍ଜା ବଶିରୁଦ୍ଦିନ ମହେମୁଦ ଅହେମଦ ସାହେବଙ୍କର ୫୨ ବର୍ଷିୟ ଖିଲାଫତ୍ ଅବଧିରେ ଉକ୍ତ ଭବିଷ୍ୟବାଣୀର ଗୋଟିଏ ଗୋଟିଏ ଶବ୍ଦ ବାସ୍ତବରେ ପରିଣତ ହୋଇଛି । ଜଣେ ନ୍ୟାୟବନ୍ତ ତଥା ଆଧାତ୍ମିକ ଦୃଷ୍ଟି ରଖୁଥିବା ବ୍ୟକ୍ତି ନିମନ୍ତେ ହଜରତ ମସିହ ମଉଦ ଆ.ସଙ୍କର ଏହି ଭବିଷ୍ୟବାଣୀ ହିଁ ତାଙ୍କର ସତ୍ୟବାଦୀ ହେବାର ବେଶ୍ ବଡ଼ ପ୍ରମାଣ ଅଟେ । ତିନି ଦିନ ପରେ ଫେବୃୟାରୀ ୨୦ତାରିଖ ଅର୍ଥାତ ମୁସଲେହ ମଉଦ ଦିବସ । ତେଣୁ ଆଜି ମୁଁ ସେଥିସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଆଙ୍କ ଶବ୍ଦରେ କିଛି ଚର୍ଚ୍ଚା କରିବାକୁ ଯାଉଛି । ଯାହାକି ଆପଣଙ୍କ ସମ୍ବନ୍ଧରେ ଥିବା **ରୁହୁଲ୍ ହକ୍** ର ସୌଭାଗ୍ୟ ଲାଭ କରିବାର ଭବିଷ୍ୟବାଣୀକୁ ପ୍ରମାଣିତ କରୁଅଛି । ଅଲ୍ଲାଃତାଲା ଆପଣଙ୍କୁ ୧୯୧୪ମସିହାରେ ଖିଲାଫତ୍ ଆସନରେ ବିରାଜିତ କରିଥିଲେ । ହଜରତ ମୁସଲେହ ମଉଦ୍ ର.ଅଙ୍କ ଠାରେ (ପ୍ରାରମ୍ଭରୁ) ମୁସଲେହ ମଉଦର ସମସ୍ତ ଭବିଷ୍ୟବାଣୀ ପୂରଣ ହେବା ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା । ତାହା ଦେଖି ସେତେବେଳର ଧାର୍ମିକ ବିଦ୍ୱାନମାନେ ତଥା ଜମାଅତର ଅଧିକାଂଶ ଲୋକେ ଏକଥା ବୁଝିପାରିଥିଲେ କି ଆପଣ ହିଁ ମୁସଲେହ ମଉଦ ଅଟନ୍ତି । କିନ୍ତୁ ଆପଣ ଏହାର ଘୋଷଣା କରିବାକୁ ମନା କରିଥିଲେ । ଏପରିକି ୧୯୪୪ମସିହାର ସମୟ ଆସିଲା ଯେତେବେଳେ ଆପଣ ସ୍ୱୟଂ ଦେଖିଥିବା ଏକ ଦିବ୍ୟ ସ୍ୱପ୍ନ ମାଧ୍ୟମରେ ନିଜେ ମୁସଲେହ ମଉଦ ହେବାର ଘୋଷଣା କଲେ । ଏଥିସହିତ କହିଲେ କି ମୋର ଏପରି ଘୋଷଣା କରିବା ମୋ ବିବେକକୁ ବାଧା ଦେଉଛି ଏବଂ ମୋତେ ଏକ ବୋଝ ମୁଣ୍ଡେଇଲା ପରି ମନେ ହେଉଛି । ବରଂ ଆପଣ ଗୋଟିଏ ଯାଗାରେ ଏହା ମଧ୍ୟ କହିଲେ ଯେ ମୁଁ ମୋର ସ୍ୱଭାବ ହିସାବରେ ନିଜର ରୋୟା (ସ୍ୱପ୍ନ) ଏବଂ ଇଲହାମାତ୍ (ସ୍ୱର୍ଗବାଣୀ) ଗୁଡିକ ବତାଇବାକୁ ସଙ୍କୋଚ ମନେକରୁଛି କିନ୍ତୁ କିଛି ପରିସ୍ଥିତି କାରଣରୁ କେତେଗୁଡିଏ ବତାଇବାକୁ ପଡୁଛି । ଯେ ଯାହାହେଉ ଆପଣଙ୍କୁ ପ୍ରଥମରୁ ମଧ୍ୟ ଯମାତ୍‌ର ଲୋକମାନଙ୍କ ତରଫରୁ ଏବଂ ଓ୍ୱଲେମାମାନଙ୍କ ତରଫରୁ ମଧ୍ୟ ଏହା କୁହାଯାଉଥିଲା ଯେ ଆପଣ ଏଲାନ୍ କରନ୍ତୁ ଯେ ଆପଣ ମୁସ୍‌ଲେହ ମଉଦ୍ ଅଟନ୍ତି । କିନ୍ତୁ ଆପଣ ଏହା କହୁଥିଲେ ଯେ ଏଲାନ୍‌ର କୌଣସି ଆବଶ୍ୟକତା ନାହିଁ । ଯଦି ମୁଁ ମୁସଲେହ ମଉଦ ଅଟେ ଏବଂ ଭବିଷ୍ୟବାଣୀ ମୋ ଉପରେ ପୂରଣ ହେଉଛି, ତେବେ କୌଣସି ଘୋଷଣାର ଆବଶ୍ୟକତା କଣ ଅଛି । ଏକଦା ଲୋକମାନଙ୍କୁ ଉତର ଦେଇ ଆପଣ କୁହନ୍ତି- ହଜରତ ମସିହ ମଉଦ ଆ.ସଙ୍କ ଦୃଷ୍ଟିଗୋଚର ହେବା ପରେ ପ୍ରକାଶ ପାଇଥିବା ଇସଲାମର ସୁଧାରକମାନଙ୍କ (ମୁଜଦିଦ୍) ସୂଚୀରେ କେତେଜଣ ଥିଲେ ଯେ ମୁଜଦିଦ୍ ହେବାର ଘୋଷଣା କରିଥିଲେ । ଆପଣ କହୁଛନ୍ତି ଯେ ମୁଁ ନିଜେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଠାରୁ ଶୁଣିଛି କି ମୋତେ ଔରଙ୍ଗଜେବ୍ ମଧ୍ୟ ନିଜ

ସମୟର ମୁଜଦ୍ଦିଦ୍ (ସୁଧାରକ) ପରି ଲାଗୁଛନ୍ତି । କିନ୍ତୁ ସେ କଣ କେବେ ଦାବି କରିଥିଲେ ? ଉମର୍‌ବିନ୍ ଅବ୍‌ଦୁଲ୍ ଅଜିଜ୍‌ଙ୍କୁ ମଧ୍ୟ ମୁଜଦ୍ଦିଦ୍ କୁହାଯାଏ । ତାଙ୍କର କୌଣସି ଦାବି ଥିଲା ? ଆପଣ କହୁଛନ୍ତି ଯେ ଗଏର୍ ମାମୁର୍ (ଯିଏ ନବୀ ନୁହଁନ୍ତି)ଙ୍କ ପାଇଁ ଦାବିର ଆବଶ୍ୟକତା ନାହିଁ । ଦାବୀ କେବଳ ମାମୁରେନ୍ (ଯିଏ ନବୀ ଅଟନ୍ତି)ଙ୍କ ସମ୍ବନ୍ଧରେ ଭବିଷ୍ୟବାଣୀ ଜରୁରୀ ଅଟେ । ଗଏର୍ ମାମୁରଙ୍କର କେବଳ କାର୍ଯ୍ୟକୁ ଦେଖିବା ଉଚିତ୍ ଯଦି କାର୍ଯ୍ୟ ପୁରା ହେବାର ଦେଖାଯାଏ ତେବେ ତାଙ୍କ ଦାବୀର କ'ଣ ଆବଶ୍ୟକତା ଅଛି ? ଏଭଳି ପରିସ୍ଥିତିରେ ଯଦି ସେ ମାନି ନଥାଏ ତେବେ ମଧ୍ୟ ଆମେ କହିବା ଯେ ସେ ହିଁ ଏହି ଭବିଷ୍ୟବାଣୀର ଅନୁରୂପ ଅଟନ୍ତି । ଯଦି ଉମର୍ ବିନ୍ ଅବ୍‌ଦୁଲ୍ ଅଜିଜ୍ ମୁଜଦ୍ଦିଦ୍ ହେବାକୁ ମାନି ନଥାନ୍ତେ ମଧ୍ୟ ତେବେ ମଧ୍ୟ ଆମ୍ଭେ କହିପାରିଥାନ୍ତେ ଯେ ଯେ ନିଜ ଯୁଗର ମୁଜଦ୍ଦିଦ୍ ଅଟନ୍ତି ବୋଲି । କାରଣ ମୁଜଦ୍ଦିଦ୍‌ଙ୍କ ନିମନ୍ତେ କୌଣସି ଦାବିର ଆବଶ୍ୟକତା ନାହିଁ । ସୁତରାଂ ଯାହାଙ୍କୁ ଅଲ୍ଲାଃଙ୍କ ନିକଟରୁ ଆଦେଶ ମିଳିନଥାଏ ସେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ । ଘୋଷଣାର ଆବଶ୍ୟକତା ନଥାଏ । ଘୋଷଣା କେବଳ ସେହିମାନେ କରନ୍ତି ଯେ ଅଲ୍ଲାଃଙ୍କ ନିକଟରୁ ଆଦେଶ ପାଇଥାନ୍ତି ଅର୍ଥାତ ମାମୁର ମୁଜଦ୍ଦିଦ୍, ଯେପରି ହଜରତ ମସିହ ମଉଦ ଆ.ସ ।

ଆପଣ କହୁଛନ୍ତି ଯେ ମୋର ମୁସଲେହ ମଉଦ ହେବାର ଘୋଷଣା କରିବାର କୌଣସି ଆବଶ୍ୟକତା ନାହିଁ । ନା ବିରୋଧିମାନଙ୍କ କଥାରେ ଆମକୁ ଭୟଭୀତ ହେବାର ଆବଶ୍ୟକତା ଅଛି, ନା ଏଥିରେ ଆମର ସମ୍ମାନହାନୀ ଘଟିଥାଏ । ପ୍ରକୃତରେ ସମ୍ମାନ ତ ଅଲ୍ଲାଃଙ୍କ ନିକଟରୁ ମିଳିଥାଏ, ଲୋକମାନଙ୍କ ଦୃଷ୍ଟିରେ କେହି କେତେ ହାନିମାନ ହେଉ ନା କାହିଁକି । ଯଦି ସେ ଅଲ୍ଲାଃଙ୍କ ମାର୍ଗର ଅନୁସରଣ କରେ ତେବେ ନିଶ୍ଚିତ ରୂପେ ସମ୍ମାନ ଲାଭ କରିବ । କିନ୍ତୁ ଯଦି ଜଣେ ମିଛ କହି ନିଜ ଘୋଷଣାକୁ ପ୍ରମାଣିତ କରିଦିଏ ଏବଂ ନିଜ ବୁଦ୍ଧିମାନି ଓ ଚତୁରତା ଦ୍ୱାରା ଲୋକମାନଙ୍କ ମଧ୍ୟରେ ବିଜୟ ଲାଭ କରିନିଏ, ତେବେ ସେ କଦାପି ଅଲ୍ଲାଃଙ୍କ ନିକଟରେ ସମ୍ମାନ ଲାଭ କରିପାରିବ ନାହିଁ ଏବଂ ଯାହାକୁ ଅଲ୍ଲାଃଙ୍କ ଦରବାରରେ ସମ୍ମାନ ମିଳିନଥାଏ, ସେ ଲୋକମାନଙ୍କ ଗହଣରେ କିଭଳି କ୍ଷାତି ଅର୍ଜନ କରିନେଲେ ମଧ୍ୟ ଖାଲି ହାତ ରହିଥାଏ ବରଂ ଅନେକ କିଛି ହରେଇଥାଏ । ଶେଷରେ ଦିନେ ସେ ଲଜ୍ଜିତ ଓ ଅପମାନିତ ହୋଇଥାଏ ।

ଅତଏବ ସଂସାର ଓ ସାଂସାରିକ କାର୍ଯ୍ୟରେ ସର୍ବଦା ସତ୍‌ମାର୍ଗ ଆପଣାଅ । ଯେ ଅଲ୍ଲାଃଙ୍କ ପାଇଁ (ନିଜର) କ୍ଷତି ସହ୍ୟ କରିଥାଏ, ପ୍ରକୃତରେ ସେ ହିଁ ଲାଭବାନ ହୋଇଥାଏ । ଏତତ୍ ଦ୍ୱାରା ଆପଣ ଏକ ତଥ୍ୟ ମଧ୍ୟ ପ୍ରଦାନ କରିଦେଲେ କି ଯେଭଳି ଅଲ୍ଲାଃତାଲା ସତ୍ୟ ଓ ଯାହାକୁ ସେ ସତ୍ୟବାଦୀ ବିବେଚିତ କରିଥାନ୍ତି, ତାହାକୁ ନିଜ ନିଦର୍ଶନ ମାଧ୍ୟମରେ ସତ୍ୟବାଦୀ ପ୍ରମାଣିତ କରିଥାନ୍ତି । ତାହାର (ନିଜକୁ ସୁଧାରକ) ଘୋଷଣା କରିବାର ଆବଶ୍ୟକତା ନଥାଏ । ହଁ ଯଦି ଅଲ୍ଲାଃ ଇଚ୍ଛା ପ୍ରକାଶ କରନ୍ତି, ତେବେ ତାହାର ଘୋଷଣା କରିବା ଉଚିତ୍ । ଯଦି କାହାରିକୁ ପରୀକ୍ଷା କରିବାର ଅଛି, କି ସେ ଅଲ୍ଲାଃଙ୍କ ଇଚ୍ଛା ମୁତାବକ କାର୍ଯ୍ୟ କରୁଅଛି ନା ନାହିଁ ଅଥବା ଅଲ୍ଲାଃଙ୍କ ପ୍ରେରିତ ଅଟେ ନା, ନାହିଁ । ତେବେ ପୁଣି ତାକୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ସମ୍ବନ୍ଧରେ ପରଖିବା ଉଚିତ୍ । ତେବେ ସେ ଯାହା ହେଉ ଯେତେବେଳେ ଅଲ୍ଲାଃ ଆପଣଙ୍କୁ ଘୋଷଣା କରିବାର ଆଦେଶ ଦେଲେ ସେତେବେଳେ ଆପଣ ଘୋଷଣା ମଧ୍ୟ କଲେ କି ମୁଁ ହିଁ ସେହି ମୁସଲେହ ମଉଦ । ଆପଣଙ୍କର ଘୋଷଣା କରିବାରେ ଗୋଟିଏ ପାର୍ଶ୍ୱରେ ଯେପରି ଜମାଅତର ସଦସ୍ୟମାନେ ଆନନ୍ଦିତ ଥିଲେ, ସେହିପରି ଅନ୍ୟ ପାର୍ଶ୍ୱରେ ଅଣଅହେମଦିମାନେ ଆପତି କରିବାରେ ସର୍ବପ୍ରଥମ ଥିଲେ । ୧୯୪୫ ମସିହାର ବାର୍ଷିକ ଧର୍ମ ସମ୍ମିଳନୀ ଅବସରରେ ଆପଣ ମୌ. ମହମ୍ମଦ ଅଲ୍ଲୀଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ କହିଥିଲେ ।

ଆପଣ କହୁଛନ୍ତି ଯେ ଯେତେବେଳେ ମୁଁ ମୁସଲେହ ମଉଦ ହେବାର ଘୋଷଣା କଲି, ସେତେବେଳ ଠାରୁ ମୌ. ମହମ୍ମଦ ଅଲ୍ଲୀ ସାହେବ ଆପତି କରିବା ଆରମ୍ଭ କରିଦେଇଛନ୍ତି, ଯେପରି ମୌ. ସନାଉଲ୍ଲାଃ ସାହେବ (ହଜରତ ମସିହ ମଉଦ ଆ.ସଙ୍କର) କରୁଥିଲେ । ମୁଁ ଦିବ୍ୟସ୍ୱପ୍ନ ଓ ଐଶ୍ୱରିକବାଣୀ ତଥା ଅଲ୍ଲାଃଙ୍କ ଆଦେଶକ୍ରମେ ଘୋଷଣା କରୁଅଛି କିନ୍ତୁ ମୌଲବି ସାହେବ ମୋ ମୁକାବିଲାରେ ନା କୌଣସି ସ୍ୱପ୍ନ, ନା ଐଶ୍ୱରିକବାଣୀ ଉପସ୍ଥାପନ କରୁଛନ୍ତି, ନା ସେ ଏପରି କରିବାର ସାମର୍ଥ୍ୟ ରଖୁଛନ୍ତି । କାରଣ ସେ ସବୁ ଶକ୍ତି ବିନିଯୋଗ କରି ନିଜର ତିରିଷି ବର୍ଷ ପୁରୁଣା କେବଳ ଗୋଟିଏ ଏଲହାମ୍ ଉପସ୍ଥାପନ କରିପାରିଛନ୍ତି । କିନ୍ତୁ ତାହା ମଧ୍ୟ ଘଟଣାର ଦୃଷ୍ଟି କୋଣରୁ ଭୁଲ୍ ଅଟେ । କାରଣ ଯେତେବେଳେ ତାଙ୍କୁ କୌଣସି ଐଶ୍ୱରିକବାଣୀ ପ୍ରାପ୍ତ ହିଁ ହେଉ ନାହିଁ ସେ ଉପସ୍ଥାପନ କରିବେ ବା କଣ । ବର୍ତ୍ତମାନ ତାଙ୍କ ନିକଟରେ ଆପତି କରିବା ଛଡ଼ା ଅନ୍ୟ କୌଣସି ପନ୍ଥା ନାହିଁ ଏବଂ ଯଦି ସେ ଆପତି ହିଁ ନକରନ୍ତି ତେବେ ମୁକାବିଲା ବା କିପରି କରିବେ । ହଜରତ ଇବ୍ରାହିମ, ହଜରତ ଈଶା ଓ ମୁସାଙ୍କ ଶତ୍ରୁମାନେ ଏକଥାର ତ ଅମାନ୍ୟ କରିପାରିବେ ନାହିଁ କି ଦିବ୍ୟବାଣୀ ହୋଇନଥାଏ । କାରଣ ସେମାନଙ୍କ ପୂର୍ବରୁ ଅବତାରମାନଙ୍କୁ ଦିବ୍ୟବାଣୀ ହେଉଥିଲା ଏବଂ ସେମାନେ ଏହାର ସ୍ୱୀକାର କରିସାରିଛନ୍ତି । ତେଣୁ ସେହି ନବୀମାନଙ୍କ ମାନୁ ନଥିବା ବ୍ୟକ୍ତି ଏ କଥାକୁ ଅମାନ୍ୟ କରିପାରୁନଥିଲେ ଯେ ଏଲହାମ୍ କୌଣସି ଜିନିଷ ନୁହେଁ ବୋଲି । ନିଜ କଥାକୁ ପ୍ରମାଣ କରିବା ପାଇଁ ଏବଂ ଅମ୍ଭେୟଙ୍କ ମୁକାବିଲା କରିବା ପାଇଁ ଏହା ମଧ୍ୟ କହୁଥିଲେ ଯେ ସେମାନଙ୍କର ଏଲହାମ୍ ମନଗଢ଼ା ବୋଲି । ଏହିପରି ରସୁଲେ କରିମ୍ ସ:ଆ:ସଙ୍କ ଶତ୍ରୁମାନେ ମଧ୍ୟ ସେହିକଥା କହିଥିଲେ ଯେ ତାଙ୍କର ଏଲହାମ୍ ମଧ୍ୟ ମନଗଢ଼ା ବୋଲି ଯଦି ଇସାଇ ଏବଂ ୟୁହୁଦିଙ୍କର ଏହି କଥା ଠିକ୍ ଥିଲା ଯେ ରସୁଲେ କରିମ୍ ସ:ଆ:ସଙ୍କ ଓ୍ୱହି (ସ୍ୱର୍ଗବାଣୀ) ନଉଜୁବିଲ୍ଲାଃ ମନଗଢ଼ା ଥିଲା । ତା ହେଲେ ଅଲ୍ଲାଃତାଲାଙ୍କର ସ୍ୱାଭିମାନ ଏହା ହେବା ଉଚିତ୍ ଥିଲା ଯେ ସେ ତାଙ୍କୁ ରସୁଲେ କରିମ୍ ସ:ଆ:ସଙ୍କ ମୁକାବିଲାରେ ସ୍ୱର୍ଗବାଣୀ କରିଦେଇଥାନ୍ତା । ଯଦ୍ୱାରା ମିଛୁଆଙ୍କ ମିଛ ସ୍ପଷ୍ଟ ହୋଇଯାଇଥାଆନ୍ତା ଏବଂ ବିଷୟବସ୍ତୁ ସ୍ପଷ୍ଟ ହୋଇଯାଇଥାଆନ୍ତା । କିନ୍ତୁ ତାଙ୍କ ଉପରେ ଅଲ୍ଲାଃତାଲାଙ୍କର ସ୍ୱର୍ଗବାଣୀ ନ କରିବାରୁ ଜଣାପଡୁଛି ଯେ ରସୁଲେ କରିମ୍ ସ:ଆ:ସ ହକ୍ ଉପରେ ଥିଲେ ଏବଂ ଆପଣଙ୍କ ଶତ୍ରୁ ୟୁହୁଦି ଏବଂ ଇସାଇ ନାହକ୍(ମିଛୁଆ) ଥିଲେ । ତେଣୁ ସେମାନେ ନିଜ କଥାକୁ ସତ୍ୟ ପ୍ରମାଣିତ ଓ ଅବତାରମାନଙ୍କ ମୁକାବିଲା କରିବା ପାଇଁ ଅପପ୍ରଚାର କରୁଥିଲେ କି ମୋର ଐଶ୍ୱରିକବାଣୀ ମନଗଢା ଅଟେ । ସେହିପରି ଆଜି ମୌ. ମହମ୍ମଦ ଅଲ୍ଲୀ ସାହେବ କହୁଛନ୍ତି କି ମୋର ଐଶ୍ୱରିକବାଣୀ ମିଥ୍ୟା ଅଟେ । କିନ୍ତୁ ଜଣା ନାହିଁ କାହିଁକି ଅଲ୍ଲାଃ ତାଙ୍କୁ ମୋ ମୁକାବିଲାରେ କୌଣସି ସତ୍ୟ ଦିବ୍ୟବାଣୀ ପ୍ରଦାନ କରି ସ୍ପଷ୍ଟ କରିଦେଉ ନାହାନ୍ତି କି ମୌଲବି ସାହେବ ସତ୍‌ପଥରେ ଓ ମୁଁ ଅସତ୍ ପଥରେ ଅଛି । ଆପଣ କୁହନ୍ତି ଆଶ୍ଚର୍ଯ୍ୟର କଥା ଯେ, ଜଣେ ଅଲ୍ଲାଃଙ୍କ ଭକ୍ତମାନଙ୍କୁ ଦିବାରାତ୍ର ପଥଭ୍ରଷ୍ଟ ଓ ଧୋକା ଦେଇଚାଲେ, ଅସତ୍ ମାର୍ଗକୁ ନେଇଚାଲେ କିନ୍ତୁ ତଥାପି ଅଲ୍ଲାଃ କିଛି ନକରି ବସିରୁହନ୍ତି । ଯଦି ଅଲ୍ଲାଃ ଏପରି ବ୍ୟକ୍ତି ବିରୁଦ୍ଧରେ କୌଣସି ପଦକ୍ଷେପ ନେଉ ନାହାନ୍ତି ତେବେ ଏହା ସ୍ୱୀକାର କରିବାକୁ ହେବ ଯେ, ମୌଲବି ସାହେବ ଅଲ୍ଲାଃଙ୍କ ଠାରୁ ବହୁ ଦୂରରେ ଅଛନ୍ତି । ସେଥିପାଇଁ ପାଇଁ ତ ଅଲ୍ଲାଃ ତାଙ୍କୁ ଐଶ୍ୱରିକବାଣୀ ପ୍ରଦାନ କରୁ ନାହାନ୍ତି । ତେଣୁ ସତ୍ୟର ମୁକାବିଲା ପାଇଁ ଆରମ୍ଭରୁ ଅମାନ୍ୟ ହୋଇ ଆସୁଅଛି । ଏ ସିଲ୍‌ସିଲା ପ୍ରାରମ୍ଭରୁ ଚାଲି ଆସିଛି ଏବଂ ଚାଲିଥିବ **(ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃଷ୍ଠା-୨୪୦-୨୪୧)** । ଅର୍ଥାତ୍ ସତ୍ୟର ମୁକାବିଲାରେ ବିରୋଧିଙ୍କର ସିଲ୍‌ସିଲା ।

ତେଣୁ ଆପତି କରିବା ଲୋକେ ସର୍ବଦା ତ ଆପତି କରି ଚାଲି ଆସିଛନ୍ତି । କିନ୍ତୁ ଏହାକୁ ରଦ୍ଦ କରିବା ପାଇଁ ଏହାର ମୁକାବିଲାରେ କିଛି ଉପସ୍ଥାପନ କରୁନାହାଁନ୍ତି ଏବଂ ନାଁ ଅଲ୍ଲାଃତାଲାଙ୍କୁ ସାକ୍ଷୀ ରଖି ପାରୁଛନ୍ତି ଯେ ଆମ୍ଭେ ଅଲ୍ଲାଃତାଲାଙ୍କୁ ସାକ୍ଷୀ ରଖି ନିଜର ଏଲହାମ୍ ବା ସ୍ୱପ୍ନ ଉପସ୍ଥାପନ କରୁଅଛୁ କାରଣ ତାଙ୍କୁ ଜଣାଅଛି ଯେ ନିଶ୍ଚିତ ଧରାପଡ଼ିବେ ।

ବର୍ତମାନ ମୁଁ ହଜରତ ମୁସଲେହ ମଉଦ ର.ଆଙ୍କର କିଛି ଐଶ୍ୱରିକବାଣୀ ଓ ଦିବ୍ୟସ୍ୱପ୍ନର ଚର୍ଚ୍ଚା କରୁଅଛି । ଯାହାକି ଆପଣ ମୁସଲେହ ମଉଦ ହେବାର ଘୋଷଣା କରିବା ସମୟରେ ବର୍ଣ୍ଣନା କରିଥିଲେ । ସର୍ବ ପ୍ରଥମ କଥା ଯାହାକି ଏହି ଆସନ ପ୍ରତି ଦୃଷ୍ଟି ଆକର୍ଷଣ କରିଥାଏ, ତାହା ମୋର ଏକ ଐଶ୍ୱରିକବାଣୀ ଅଟେ । ଯାହାକି ମୋତେ ହଜରତ ମସିହ ମଉଦ ଆ.ସଙ୍କ ଜୀବିତ ଥିବା ସମୟରେ ହୋଇଥିଲା । ସେତେବେଳେ ମୁଁ ଯାଇ ତାହା ହଜରତ ମସିହ ମଉଦ ଆ.ସକୁ ଜଣାଇଥିଲି । ହଜୁର ତାହାକୁ ନିଜ ଐଶ୍ୱରିକବାଣୀ ଦରଜ ଥିବା ଖାତାରେ ଉଲ୍ଲେଖ କରିଦେଲେ । ପ୍ରଥମେ ମୁଁ ତାହାକୁ କେବଳ ଖିଲାଫତ୍ ସମ୍ବନ୍ଧରେ ମନେକରୁଥିଲି । କିନ୍ତୁ ବର୍ତମାନ ମୋର ଧ୍ୟାନ ଏଥିପ୍ରତି କେନ୍ଦ୍ରିତ ହୋଇଛି ଯେ,ତାହା ଏହି ଆସନ ପ୍ରତି ଥିଲା । ଯାହାକି ଅଲ୍ଲାଃଙ୍କ ନିକଟରୁ ମୋତେ ପ୍ରାପ୍ତ ହେବାର ଥିଲା । ସେହି ଐଶ୍ୱରିକବାଣୀ ଏପରି ଥିଲା **ଇନ୍ନଲ୍ ଲଜିନାତ୍ ତବଉକା ଫତଓ୍ୱକଲ୍ ଲଜିନା କଫରୁ ଇଲା ୟୋମିଲ୍ କିୟାମାଃ** ଅର୍ଥାତ ଅଲ୍ଲାଃ ନିଶ୍ଚିତ ରୂପେ ଅଲ୍ଲାଃତାଲା ଅନ୍ତିମ ଦିବସ ପର୍ଯ୍ୟନ୍ତ ତୁମ ମାନ୍ୟକାରୀମାନଙ୍କୁ ତୁମ ଅମାନ୍ୟକାରୀମାନଙ୍କ ଉପରେ ବିଜୟ ପ୍ରଦାନ କରିବେ । ଏଥିରେ ଏକ ରହସ୍ୟ ରହିଛି ଯାହାକି ଭବିଷ୍ୟବାଣୀ ପୂରଣ ହେବା ପ୍ରମାଣିତ କରୁଅଛି । ତାହା ଏହି କି ଯେ, ହ.ଈଶା ଆ.ସଙ୍କୁ ଯେଉଁ ଐଶ୍ୱରିକବାଣୀ ହୋଇଥିଲା, ଯାହାକି ପବିତ୍ର କୋରାନରେ ମଧ୍ୟ ଦରଜ ରହିଛି **ଓ୍ୱାଯାଇଲୁଲ୍ ଲଜିନାତ୍ ତବଉକା ଫତଓ୍ୱକଲ୍ ଲଜିନା କଫରୁ ଇଲା ୟୋମିଲ୍ କିୟାମାଃ** କିନ୍ତୁ ଏଠାରେ ଭବିଷ୍ୟବାଣୀର ଶବ୍ଦ **ଇନ୍ନଲ୍ ଲଜିନାତ୍ ତବଉକା ଫତଓ୍ୱକଲ୍ ଲଜିନା କଫରୁ ଇଲା ୟୋମିଲ୍ କିୟାମାଃ** ରହିଛି କାରଣ ହ.ଈଶା ଆ.ସ ହ. ମୁସା ଆ.ସଙ୍କର ଅନ୍ତିମ ନବୀ ଥିଲେ ଏବଂ ତାଙ୍କ ଠାରୁ ଧର୍ମର ଏକ ନୂଆ ଅଧ୍ୟାୟ ଆରମ୍ଭ ହେଉଥିଲା । ସୁତରାଂ ହ.ଈଶାଙ୍କର ଲୋକେ ବିରୋଧ କରିବା ଆବଶ୍ୟକ ଥିଲା । ପୁଣି ଏକ ଦିର୍ଘ ସମୟ ବ୍ୟବଧାନ ଅନ୍ତେ ସେହି ଲୋକମାନେ ହିଁ ଉକ୍ତ ନବୀର ଆନୁଗତ୍ୟ ସ୍ୱୀକାର କଲେ । କିନ୍ତୁ ମୁସଲେହ ମଉଦର ଭବିଷ୍ୟବାଣୀରେ ଯେହେତୁ ଅଲ୍ଲାଃ ତାଙ୍କୁ ପ୍ରଥମେ ଖଲିଫାର ଆସନ ପ୍ରଦାନ କରିବାର ଥିଲା ଏବଂ ଖଲିଫାଙ୍କୁ ପ୍ରଥମରୁ ହିଁ ଏକ ଯମାଅତ ମିଳିଯାଇଥାଏ । ସେଥିପାଇଁ ଏଠାରେ **ଯାଇଲୁଲ୍ ଲଜିନା**ର ଆବଶ୍ୟକତା ନଥିଲା । ହଜ୍‌ରତ୍ ମସିହ୍‌ଙ୍କ ଓ୍ୱହ୍‌ଦା ଥିବା ନବୀ ଯେତେବେଳେ ଲୋକଙ୍କ ସମ୍ମୁଖରେ ନିଜର ଦାବୀ ଉପସ୍ଥାପନ କରିଥାଏ ଲୋକମାନେ ତାହା ଶୁଣିବା ସଙ୍ଗେ ସଙ୍ଗେ ମିଛୁଆ, ମିଛୁଆ ବୋଲି କହିବାକୁ ଲାଗିଯାଆନ୍ତି । ଯଦି କେହି ଅବୁବକର୍ ସଦୃଶ ଗୁଣ ରଖିଥିବା ବ୍ୟକ୍ତି ହୋଇଥିବ ଏବଂ ସେ ମାନିନେ ତେବେ ତାହା ଅଲଗା କଥା ନଚେତ୍ ସାଧାରଣତଃ ଏପରି ନବୀ ଯେବେ ନିଜ ନବୀ ହେବାର ଘୋଷଣା କରିଥାଏ ସାରା ଦୁନିଆ ତାଙ୍କୁ ମିଛୁଆ କରିବା ପାଇଁ ଲାଗି ପଡ଼ିଥାଏ । ରସୁଲେ କରିମ୍ ସ:ଆ:ସଙ୍କ ଉପରେ ଆରମ୍ଭରୁ କେବଳ ତିନିଜଣ ଲୋକ ବିଶ୍ୱାସ ଆଣିଥିଲେ । କିନ୍ତୁ ଖଲିଫାଙ୍କ ଉପରେ ପ୍ରଥମ ଦିନରୁ ହିଁ ଗୋଟିଏ ଯମାତ ବିଶ୍ୱାସ ଆଣିଥାଏ । ବରଂ **ଇନ୍ନଲ୍ ଲଜିନାତ୍ ତବଉକା ଫତଓ୍ୱକଲ୍ ଲଜିନା କଫରୁ ଇଲା ୟୋମିଲ୍ କିୟାମାଃ** କହି ଅଲ୍ଲାଃତାଲା ସ୍ପଷ୍ଟ କରିଦେଇଛନ୍ତି ଯେ, ତୁମକୁ ପ୍ରାରମ୍ଭରୁ ଏକ ସଙ୍ଗଠିତ ଜମାଅତ ମିଳିଯିବ । ତାପରେ ସ୍ୱୟଂ ଅଲ୍ଲାଃ ଜମାଅତକୁ ତୁମ ମାଧମରେ ସୁଦୃଢ଼ କରିବେ । ଏପରିକି ଦିନେ ତାହା ତୁମର ଅନୁରୂପ ଜମାଅତ ବୋଲାଇବ ଏବଂ କିଛି ଲୋକ ତୁମର ବିରୁଦ୍ଧାଚରଣ ମଧ୍ୟ କରିବେ । କିନ୍ତୁ ଅଲ୍ଲାଃ ଅନ୍ତିମ ଦିବସ ପର୍ଯ୍ୟନ୍ତ ତୁମ ମାନ୍ୟକାରୀମାନଙ୍କୁ ତୁମ ଅମାନ୍ୟକାରୀମାନଙ୍କ ଉପରେ ବିଜୟ ପ୍ରଦାନ କରିବେ ଓ ତାହା ତୁମର ଇମାମ ହେବା କ୍ଷଣି ଆରମ୍ଭ ହୋଇଯିବ । ଏବଂ ଯାଏଲୁଲ୍ ଲଜିନତ୍ ତବଉକା ପଙ୍କ୍ତିର ଆବଶ୍ୟକ ହେବନାହିଁ ଯେ ତୁମେ ଅପେକ୍ଷା କର ଲୋକେ କେବେ ବିଶ୍ୱାସ ଆଣୁଛନ୍ତି ବା ଅଧିକାଂଶ ବିରୋଧ କରିବେ, ଫତଓ୍ୱା ଲଗାଇବେ, ଥଟ୍ଟା ପରିହାସ କରିବେ ଓ ତିରସ୍କାର କରିବା ପାଇଁ ଚେଷ୍ଟା କରିବେ, ଧ୍ୱଂସ କରିବା ପାଇଁ ଚେଷ୍ଟା କରିବେ ଏବଂ ଦୁନିଆର ଏକ କୋଣରୁ ଆର କୋଣ ପର୍ଯ୍ୟନ୍ତ ବିରୁଦ୍ଧାଚରଣର ଝଡ଼ ଚାଲିଆସିବ । ବରଂ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ତିଆରି ହୋଇଥିବା ଯମାତ୍‌ର ଅଧିକାଂଶ ଭାଗ ତୋ (ଅର୍ଥାତ୍ ମୁସ୍‌ଲେହ୍ ମଉଦ୍‌ଙ୍କ) ହାତରେ ସମର୍ପିଦେବେ । ଯେଉଁଦିନ ଏ ଯମାତ୍ ତତେ ଦିଆଯିବ ସେହିଦିନଠାରୁ ତୋ ଅନୁଯାୟୀ ମାନଙ୍କୁ ତୋର ବିରୋଧିଗୋଷ୍ଠୀଙ୍କ ଉପରେ ଗଲ୍‌ବା (ଆଧିପତ୍ୟ) ଆରମ୍ଭ ହୋଇଯିବ ।

ଦେଖ ବାସ୍ତବରେ ଏହିପରି ହିଁ ଘଟିଲା ହ.ଈଶା ଆ.ସଙ୍କ ୩୦୦ବର୍ଷ ଅତିବାହିତ ହେବା ପରେ ତାଙ୍କ ଜମାଅତକୁ ବିଜୟ ପ୍ରାପ୍ତି ହୋଇଥିଲା । କିନ୍ତୁ ମୋତେ ଅଲ୍ଲାଃ ଯେଉଁ ଦିନ ଖିଲାଫତ୍‌ର ଆସନରେ ବିରାଜମାନ କଲେ, ତାହାର କିଛି ସପ୍ତାହ ପରେ ହିଁ ମୋ ବିରୋଧିମାନଙ୍କୁ ଅର୍ଥାତ ପୈଗାମୀ (ଦଳ)ଙ୍କ ଉପରେ ମୋତେ ଓ ମୋ ମାନ୍ୟକାରୀଙ୍କୁ ବିଜୟ ପ୍ରଦାନ କରିବା ଆରମ୍ଭ କରିଦେଲେ ଏବଂ ଏହା ପ୍ରତି ଦିନ ବଢିଚାଲିଛି । ଆଜି ମଧ୍ୟ ପୈଗାମୀମାନେ କହୁଛନ୍ତି କି ଗୋଟିଏ ସ୍ୱପ୍ନ ଦେଖି ମୁସଲେହ ମଉଦ ହେବାର ଘୋଷଣା କରାଗଲା । କିନ୍ତୁ ହ. ମୁସଲେହ ମଉଦ ର.ଆ କୁହନ୍ତି ସ୍ୱପ୍ନ ନୁହେଁ ବରଂ ତାହା ଏକ ଐଶ୍ୱରିକବାଣୀ, ଯାହାକି ୪୦ବର୍ଷ ପୁରାତନ ଅଟେ । ଦେଖ ଅଲ୍ଲାଃ ମୋତେ କହିଥିଲେ କି ତୁମେ ଗୋଟିଏ ଜମାଅତର ଇମାମ ହେବ, କିଛି ଲୋକ ତୁମର ବିରୁଦ୍ଧ କରିବେ କିନ୍ତୁ ଅଧିକାଂଶ ତୁମ ସହିତ ରହିବେ ଏବଂ ଅଲ୍ଲାଃ ସେମାନଙ୍କୁ କୟାମତ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ଜୟଯୁକ୍ତ କରିବେ ଯେ, ଖିଲାଫତ୍ ସହ ସଂଯୁକ୍ତ ରହିବେ । ଏପରି କହିବାର ଅଲ୍ଲାଃଙ୍କ ଉଦ୍ଦେଶ୍ୟ ଦିନେ ସେ ମୋତେ ଅନୁରୂପ ନବୀର ସ୍ଥାନ ଅର୍ଥାତ ହ.ଈଶା ଓ ମସିହ ମହମ୍ମଦିଙ୍କ ନାମ ପ୍ରଦାନ କରିବେ । କାରଣ ଖଲିଫାର ଜମାଅତ ତାହାର ଜୀବନ କାଳ ପର୍ଯ୍ୟନ୍ତ ରହିଥାଏ । କିନ୍ତୁ କେବଳ ଜଣେ ନବୀର ଜମାଅତ ଅବା ତାହାର ଅନୁରୂପ (ଜିଲ୍ଲୀ)ନବୀଙ୍କର ଜମାଅତ ତାହାର ଦେହାନ୍ତ ପରେ ମଧ୍ୟ ଅବ୍ୟାହତ ରହିଥାଏ । ସେହିପରି **କଫରୁ** ଶବ୍ଦ ଦର୍ଶାଉଛି ଯେ, ଖିଲାଫତ୍ ପରେ ମୋତେ ଆଉ ଏକ ଉପାଧି ପ୍ରାପ୍ତ ହେବ, ଯାହାକି ଅନୁରୂପ ନବୀ ପରି ଅଟେ । **ସୁବ୍‌ହାନଲ୍ ଲାହି ଲାୟୁସ୍‌ଅଲୁ ଅମ୍ମା ୟଫ୍‌ଅଲୁ । (ଖୁତ୍‌ବାତେ ମେହ୍‌ମୁଦ ଖଣ୍ଡ-୨୫, ପୃଷ୍ଠା-୮୭-୮୯)**

ଦ୍ୱିତୀୟରେ ଆପଣ କୁହନ୍ତି- ଅଲ୍ଲାଃ ମୋତେ ହଜରତ ମସିହ ମଉଦ ଆ.ସଙ୍କ ଜୀବନ କାଳରେ ହିଁ ଦିବ୍ୟସ୍ୱପ୍ନରେ ଦେଖାଇଲେ କି ମୁଁ ଏକ କୋଠରୀରୁ ବାହାରୁଛି ଯେଉଁଠାରେ ହଜରତ ମସିହ ମଉଦ ଆ.ସ ରୁହନ୍ତି । ବାହାରକୁ ଆସି ଦେଖେ ତ ସେଠାରେ ମସିହ ମଉଦ ଆ.ସଙ୍କ ବିରୋଧିମାନେ ଅଛନ୍ତି । ସେଠାରେ କେହି ଜଣେ ମୋତେ ଗୋଟିଏ ପାରସଲ୍ ଦେଇ କହିଲେ କି ଏହା ତୁମ ପାଇଁ ଏବଂ ହଜରତ ମସିହ ମଉଦ ଆ.ସଙ୍କ ପାଇଁ ଅଟେ । ସେଥିରେ ଦୁଇଟି ଠିକଣା ମଧ୍ୟ ଲେଖାଥିଲା ଏବଂ ତାହା ଥିଲା ମହିଉଦ୍ଦିନ ଓ ମୁୟୀନୁଦ୍ଦିନଙ୍କୁ ଦିଆଯାଉ । ପୁଣି ସେହି ଦିବ୍ୟସ୍ୱପ୍ନରେ ହିଁ ମୋତେ ବୁଝାଗଲା କି ସେଥି ମଧ୍ୟରୁ ଗୋଟିଏ ନାମ ହଜରତ ମସିହ ମଉଦ ଆ.ସଙ୍କର ଓ ଅନ୍ୟଟି ମୋର ଅଟେ । ଯେହେତୁ ସେତେବେଳେ ମୁଁ ବାଲ୍ୟାବସ୍ଥାରେ ଥିଲି ଏବଂ ହଜରତ ମହିଉଦ୍ଦିନ ସାହେବ ଇବନେ ଆରବୀଙ୍କ ନାମ ଶୁଣିନଥିଲି । କେବଳ ଔରଙ୍ଗଜେବ୍‌ଙ୍କ ନାମ ଶୁଣିଥିଲି ଯେ, ତାଙ୍କ ନାମ ମହିଉଦ୍ଦିନ ଅଟେ । ତେଣୁ ସେତେବେଳେ ମୁଁ ଉକ୍ତ ନାମ ଦେଖି ତାଙ୍କୁ ହିଁ ମନେକରିଥିଲି । ହଜରତ ମୁୟୀନୁଦ୍ଦିନ ଚିସ୍ତି ଭାରତ ବର୍ଷର ସୁପ୍ରସିଦ୍ଧ ବ୍ୟକ୍ତିତ୍ୱ ଥିଲେ । ତେଣୁ ମୁୟୀନୁଦ୍ଦିନ ଲେଖାର ତାତ୍ପର୍ଯ୍ୟ ହଜରତ ମସିହ ମଉଦ ଆ.ସ ଅଟନ୍ତି । କିନ୍ତୁ ପରବର୍ତୀ ସମୟରେ ମୁଁ ଜାଣିବାକୁ ପାଇଲି ଯେ, ମହିଉଦ୍ଦିନ ସାହେବ ଇବନେ ଅରବୀ ମଧ୍ୟ ଜଣେ ବହୁତ ବଡ଼ ବ୍ୟକ୍ତିତ୍ୱ ଥିଲେ । ସେତେବେଳେ ମୁଁ ବୁଝିପାରିଲି ଯେ, ମହିଉଦ୍ଦିନ୍ ଅର୍ଥ ହଜରତ ମସିହ ମଉଦ ଆ.ସ ଯେ ଇସଲାମକୁ ପୂନର୍ଜୀବିତ କଲେ ଏବଂ ମୁୟୀନୁଦ୍ଦିନର ଅର୍ଥ ସ୍ୱୟଂ ମୁଁ ଯେ ଧର୍ମ ସେବାରେ ସହାୟ ହେବ ଅର୍ଥାତ ଧର୍ମକୁ ଉନ୍ନତି ପଥରେ ଆଗେଇନେବ । ସୁତରାଂ ହଜରତ ମସିହ ମଉଦ ଆ.ସ ଇସଲାମକୁ ପୁର୍ନଜୀବିତ କରିବେ ଏବଂ ମୋ ପାଇଁ ତାହାର

(ପ୍ରସାର ନିମନ୍ତେ) ସାହାର୍ଯ୍ୟ ସହାୟତା କରିବା ଧାର୍ଯ୍ୟ ଥିଲା । **(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୫, ପୃଷ୍ଠା-୮୯-୯୦)**

ତୃତୀୟ ଐଶ୍ୱରିକବାଣୀ ଯାହାକି ହଜରତ ମସିହ ମଉଦ ଆ.ସଙ୍କ ଦେହାନ୍ତ ପରେ ମୋତେ ପ୍ରଦାନ କରାଯାଇଥିଲା । ତାହା ଏହା ଥିଲା **ଇମଲୁ ଆଲା ଦାଉଦା ଶୁକ୍‌ରନ୍** । (ସବା:୧୪) ଅର୍ଥାତ- ହେ ଦାଉଦ୍‌ର ବଂଶଧର ତୁମେ କୃତଜ୍ଞତାର ସହ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କର । ଉକ୍ତ ଦିବ୍ୟବାଣୀରେ **ଇମଲୁ** ଶବ୍ଦ ଦର୍ଶାଇ ସ୍ୱଷ୍ଟ କରିଦେଲେ କି ସମ୍ପୂର୍ଣ ରୂପେ ଅଲ୍ଲାଃଙ୍କ ଆଦେଶ ପାଳନ କର ଏବଂ ଦାଉଦର ବଂଶଧର କହି ଅଲ୍ଲାଃତାଲା ମୋତେ ହଜରତ ସୋଲେମାନ ଆ.ସଙ୍କ ସମତୁଲ୍ୟ କରିଦେଲେ । କାରଣ ହଜରତ ସୋଲେମାନ ଆ.ସ ହଜରତ ଦାଉଦଙ୍କ ଅନ୍ତେ ଖଲିଫା ହୋଇଥିଲେ ଏବଂ ତାଙ୍କ ପୁତ୍ର ମଧ୍ୟ ଥିଲେ । ଆପଣ କୁହନ୍ତି ମୋର ମନେଅଛି ଯେ ମୁଁ ନିଜ ବନ୍ଧୁମାନଙ୍କ ସହ ଭ୍ରମଣ କରିବା ସମୟରେ ଏହି ଚର୍ଚ୍ଚା କରୁଥିଲି କି ହଠାତ୍ ମୋ ମନରେ ହଜୁର ଆ.ସଙ୍କ ଦେହାନ୍ତର ଭାବନା ଆସିଲା ଏବଂ ମୋ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା କି ମୁଁ ଦୌଡ଼ି ଯାଇ ହଜରତ ମସିହ ମଉଦ ଆ.ସଙ୍କୁ ଏକଥା କହିଦିଏ । **(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨୫, ପୃଷ୍ଠା-୯୦)**

ପୁନଶ୍ଚ ଆପଣ କୁହନ୍ତି ଉକ୍ତ ଦିବ୍ୟସ୍ୱପ୍ନର ଚତୁର୍ଥ ସାକ୍ଷ୍ୟ ମୋର ଏହି ସ୍ୱପ୍ନ ଅଟେ ଯେ, ମୁଁ ଦେଖିଲି କି ମୁଁ ହଜରତ ମସିହ ମଉଦ ଆ.ସଙ୍କ ବୟତୁଦ୍ ଦୁଆରେ ବସିଅଛି ଏବଂ ହଠାତ୍ ମୋତେ କୁହାଗଲା କି ହଜରତ ମସିହ ମଉଦ ଆ.ସ ହିଁ ଇବ୍ରାହିମ ଥିଲେ । ପୁଣି ଅଲ୍ଲାଃଙ୍କ ତରଫରୁ ମୋତେ ଅବଗତ କରାଗଲା କି ଏହି ସମ୍ପ୍ରଦାୟରେ ଆହୁରି ଅନେକ ଇବ୍ରାହିମ ହୋଇଛନ୍ତି । ପ୍ରଥମ ଖଲିଫା ଇବ୍ରାହିମ ଥିଲେ ଏବଂ ତୁମେ ମଧ୍ୟ ଇବ୍ରାହିମ ଅଟ । ତେଣୁ ହଜ୍‌ରତ୍ ଖଲିଫା ଅୱ୍ୱଲଙ୍କ ବିଷୟରେ ଜଣାଇ ଦିଆଗଲା ଯେ ଆପଣ ମଧ୍ୟ ଇବ୍ରାହିମ୍ ଅଟନ୍ତି ଏବଂ ଆପଣଙ୍କ ନାମ ମତେ ଇବ୍ରାହିମ୍ ଅଧମ୍ ବୋଲି ଜଣାଇ ଦିଆଗଲା । ଅଧମ୍ ଜଣେ ସମ୍ରାଟ ଥିଲେ ଯିଏ ନିଜର ରାଜତ୍ୱକୁ ଛାଡ଼ି ତସୱୁଫ୍ (ସୁଫିସନ୍ଥ) ହେବାପାଇଁ ଧ୍ୟାନ ମଗ୍ନ ହୋଇଥିଲେ । ସୁତରାଂ ମୋତେ ଜଣାଇ ଦିଆଗଲା ଯେ ହଜ୍‌ରତ୍ ଖଲିଫା ଅୱ୍ୱଲ୍ ଇବ୍ରାହିମ୍ ଅଧମ୍ ଅଟନ୍ତି । ପୁଣି ମୋତେ ବତାଇ ଦିଆଗଲା ଯେ ଆଉ ଜଣେ ଇବ୍ରାହିମ୍ ତୁମେ ମଧ୍ୟ ଅଟ । **(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨୫, ପୃଷ୍ଠା-୯୦)**

ପଂଚମ ସାକ୍ଷ୍ୟ ଏଥିସମ୍ବନ୍ଧରେ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ଅନ୍ତିମ ସମୟ ନିକଟରେ ମୋତେ (ସ୍ୱପ୍ନ ମାଧ୍ୟମରେ) ଅବଗତ କରାଇଲେ- ଯେଉଁଥିରେ ମୁଁ ଦେଖିଲି କି ଏକ ଘଣ୍ଟି ବାଜୁଛି । ଯେପରି କଂଶା, ପିତଳ ବାସନ ବାଜିଲେ ଟନ କରି ଶବ୍ଦ ସୃଷ୍ଟି ହୋଇଥାଏ, ସେହିପରି ଶବ୍ଦ ଶୁଣାଗଲା କିନ୍ତୁ ତାହା ଏପରି ମନମୁଗ୍ଧ କରଥିଲା ଯେମିତି ସେଥିରେ ସମଗ୍ର ସଂସାରର କଣ୍ଠଶିଳ୍ପୀଙ୍କ ରାଗ ଭରି ଦିଆଯାଇଛି । ସେହି ଶ୍ୱର ବଢ଼ିବଢ଼ି ନଦୀନାଳ ରୂପେ ଏକ ଫ୍ରେମ୍ ରୂପ ଧାରଣ କରିନେଉଛି । ପୁଣି ଦେଖୁଅଛି କି ସେହି ଫ୍ରେମ୍‌ରେ ଏକ ଅତ୍ୟନ୍ତ ସୁନ୍ଦର ବ୍ୟକ୍ତିର ଫଟୋ ପ୍ରକାଶ ପାଉଛି ଏବଂ ଉକ୍ତ ଫଟୋ ଆନ୍ଦୋଳିତ ହୋଇ, କିଛି କ୍ଷଣ ପରେ ହଠାତ୍ ଜଣେ ସେଥିରୁ ଡ଼େଇଁପଡ଼ି ମୋ ସମ୍ମୁଖରେ ଛିଡ଼ା ହୋଇଯାଉଛନ୍ତି ଏବଂ ମୁଁ ମନେକରୁଛି କି ସେ ଜଣେ ଦେବଦୂତ । ସେ ମୋତେ କହୁଛନ୍ତି ଆସ ମୁଁ ତୁମକୁ ସୁରେ ଫାତିହା ବୁଝାଇବି । ଅତଏବ ସେ ମୋତେ ବୁଝାଇବା ଆରମ୍ଭ କଲେ ଏବଂ **ଇୟାକାନାବୁଦୁ ଓ ଇୟାକାନାଶ୍ ତଇନ୍**ର ବ୍ୟାଖ୍ୟା କରିବା ଆରମ୍ଭ କରି କହିଲେ ଆଜି ପର୍ଯ୍ୟନ୍ତ ଯେତେ ବ୍ୟାଖ୍ୟାକାରୀ ହୋଇଛନ୍ତି ସେମାନେ ସମସ୍ତେ **ମାଲିକି ୟୋମିଦ୍ଦିନ୍** ପର୍ଯ୍ୟନ୍ତ ବ୍ୟାଖ୍ୟା କରିଥିଲେ । କିନ୍ତୁ ମୁଁ ତୁମକୁ ଆଗକୁ ମଧ୍ୟ ବୁଝାଉଛି । ଏପରି ସେ ମୋତେ ସମ୍ପୂର୍ଣ୍ଣ ସୁରେ ଫାତିହା ଶିଖାଇଦେଲେ । ଯେତେବେଳେ ମୋର ଆଖି ଖୋଲିଲା ସେତେବେଳେ (ମୋର) ସେସବୁ ମନେଥିଲା କିନ୍ତୁ ସେତେବେଳେ ମୁଁ ତାହାକୁ ନୋଟ କଲି ନାହିଁ ଏବଂ ପରବର୍ତ୍ତୀ ସମୟରେ ତାହା ମୁଁ ଭୁଲିଗଲି । ସକାଳେ ଯେତେବେଳେ ମୁଁ ଖଲିଫା ଅୱ୍ୱଲଙ୍କୁ ଏଥିସମ୍ବନ୍ଧରେ ଜଣାଇଲି, ଆପଣ ମୋ ଉପରେ ବହୁତ ବିରକ୍ତି ଭାବ ପ୍ରକାଶ କରି କହିଲେ ତୁମେ ଏତେ ଗୁଡିଏ ଜ୍ଞାନ ନଷ୍ଟ କରିଦେଲ । ତାହାକୁ ନୋଟ କରିନେବା ଉଚିତ୍ ଥିଲା । ଆପଣ କୁହନ୍ତି ସେ ଦିନ ଥିଲା କିନ୍ତୁ ଆଜି ଅଲ୍ଲାଃତାଲା ମୋତେ ସୁରେ ଫାତିହାର ନୂଆ ନୂଆ ରହସ୍ୟ ବୁଝାଉଛନ୍ତି । ତେଣୁ ମୁଁ ଯେତେବେଳେ ସେ ସ୍ୱପ୍ନ ପରେ ସେଥିପ୍ରତି ଧ୍ୟାନ ଦେଲି ଯେ ଯମାତ୍‌ର ସଂସ୍କାର ଏବଂ ଇସ୍‌ଲାମୀୟ ସଙ୍ଗଠନକୁ ଉନ୍ନତି କରିବା ପାଇଁ କ'ଣ ପ୍ରୋଗ୍ରାମ୍ ହୋଇପାରିବ । ତେବେ ଅଲ୍ଲାଃତାଲା ସୁରା ଫାତେହାରୁ ଗୋଟିଏ ସ୍ୱଷ୍ଟ ଏବଂ ସମ୍ପୂର୍ଣ୍ଣ ପ୍ରୋଗ୍ରାମ୍ ବତାଇଲେ । ଯାହା ଉପରେ ଚାଲି ଇସ୍‌ଲାମ୍ ଏପରି ଉନ୍ନତି ହାସଲ କରିପାରିବ ଯେ ଶତ୍ରୁ ଏହାକୁ ଦେଖିକରି ଆଶ୍ଚର୍ଯ୍ୟ ହୋଇଯିବ ଏବଂ ଇସ୍‌ଲାମୀୟ ସଂସ୍କୃତିର ଉନ୍ନତିକୁ ମାନିବା ଛଡ଼ା ଆଉକିଛି ଉପାୟ ରହିବ ନାହିଁ । ଏହି ପ୍ରୋଗ୍ରାମ୍ ମୁତାବକ ସେ ସବୁ ଭୁଲ୍‌ର ମଧ୍ୟ ଅଲ୍ଲାଃତାଲାଙ୍କ ଦୟାରୁ ନିରାକରଣ ହୋଇପାରିବ, ଯାହାକୁ ରସୁଲେ କରିମ୍ ସ:ଆ:ସଙ୍କ ପରେ ଇସ୍‌ଲାମୀୟ ସଂଗଠନ ଏବଂ ସଂସ୍କୃତି ଓ ଆଦେଶାବଳୀକୁ ବୁଝିବା ପାଇଁ କରିଛନ୍ତି (ଯେଉଁ ଭୁଲ୍ ଗୁଡିକ ପରେ ମୁସଲମାନ ମାନେ କରିଥିଲେ) । ଏହି ସବୁ କଥାଗୁଡିକ ଅଲ୍ଲାଃତାଲା ମୋତେ ସୁରା ଫାତେହା ଜରିଆରେ ବୁଝାଇ ଦେଇଛନ୍ତି ଏବଂ ଉକ୍ତ ସ୍ୱପ୍ନର ଅସଲ ଅର୍ଥ ଏହା ଥିଲା ଯେ ମୋ ଅନ୍ତର୍ନିହିତ ଶକ୍ତିରେ ବିଶେଷ ରୂପେ ସୁରା ଫାତେହାର ଜ୍ଞାନ ଏବଂ ପବିତ୍ର କୋରାନ୍‌ର ବୁଝିବାର ଶକ୍ତି ରଖିଦିଆଯାଇଥିଲା ଯାହା ସମୟାନୁସାରେ ଅନ୍ତର୍ନିହିତ ଏଲହାମ୍ ସହିତ ଆବଶ୍ୟକ ମୁତାବକ ପ୍ରକଟ ହୋଇ ଚାଲିବ । **(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୨୫, ପୃଷ୍ଠା-୯୦-୯୨)**

ପୁନଶ୍ଚ ଆପଣ କହିଲେ ଯେତେବେଳେ ଜମାଅତରେ ବିଭ୍ରାଟ ସୃଷ୍ଟି ହେଲା ସେତେବେଳେ ଅଲ୍ଲାଃତାଲା ମୋତେ ଐଶ୍ୱରିକବାଣୀ ମାଧ୍ୟମରେ ଦର୍ଶାଇଲେ **ଲନୁମଜ୍ଜିକନ୍‌ନହୁମ୍** ଅର୍ଥାତ ଆମ୍ଭେ ସେମାନଙ୍କୁ ଖଣ୍ଡବିଖଣ୍ଡିତ କରିଦେବୁ । ସେତେବେଳେ ସେମାନେ ପୈଗାମୀ (ଯେଉଁମାନେ ଯମାତ୍‌କୁ ଛାଡ଼ି ଚାଲିଯାଇଥିଲେ) ନିଜକୁ ୯୫ପ୍ରତିଶତ ଥିବାର କହୁଥିଲେ । କିନ୍ତୁ ବର୍ତମାନ ସେମାନଙ୍କର ଅବସ୍ଥା ଦେଖି ଅଲ୍ଲାଙ୍କ ଭବିଷ୍ୟବାଣୀ ମୁତାବକ ବାସ୍ତବରେ ସେମାନେ ଖଣ୍ଡବିଖଣ୍ଡିତ ହୋଇଗଲେ । ଯେପରିକି ଖାଜା କମାଲୁଦ୍ଦିନ୍ ସାହେବ ନିଜ ଦେହାନ୍ତ ପୂର୍ବରୁ ଲେଖିଛନ୍ତି କି ମିର୍ଜା ମେହ୍‌ମୁଦ ଆମ୍ଭ ସମ୍ବନ୍ଧରେ ଯେଉଁ ଭବିଷ୍ୟବାଣୀ ପ୍ରକାଶିତ କରିଥିଲେ ତାହା ସମ୍ପୂର୍ଣ୍ଣ ରୂପେ ପୂରଣ ହୋଇଯାଇଛି ଏବଂ ପ୍ରକୃତରେ ଆମେ ଖଣ୍ଡବିଖଣ୍ଡିତ ହୋଇଯାଇଛୁ ।

ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଅଲ୍ଲାଃତାଲା ମୋତେ ବାରମ୍ବାର ଦର୍ଶାଇ ଏହା ବାସ୍ତବରେ ପ୍ରମାଣ କରିଦେଇଛନ୍ତି ଯେ ମୁସଲେହ ମଉଦ **ରୁହୁଲ ହକ୍** (ଅଲ୍ଲାଃ)ଙ୍କ ରଙ୍ଗରେ ବିମଣ୍ଡିତ ହେବ । ତେବେ ଏସବୁ ଅଲ୍ଲାଃଙ୍କ ଚିହ୍ନ ଯାହାକି ସେ ମୋ ମାଧ୍ୟମରେ ପ୍ରକାଶିତ କଲେ । ହଜୁର ଅନୱର ଅ.ବ କହିଲେ- ଉକ୍ତ ଭବିଷ୍ୟବାଣୀର ବ୍ୟାଖ୍ୟା ବେଶ୍ ଅଧିକ ରହିଛି ଯାହାକି ଆସନ୍ତା ଦିନରେ ଜମାଅତମାନଙ୍କରେ ଅନୁଷ୍ଠିତ ହେବାକୁଥିବା ଜଲସାରେ ବର୍ଣନା ହେବ । M.T.A ରେ ମଧ୍ୟ ଏଥି ସମ୍ବନ୍ଧରେ କାର୍ଯ୍ୟକ୍ରମମାନ ପ୍ରସାରିତ ହେଉଅଛି । ଜମାଅତର ସଦସ୍ୟମାନେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦେଇ ଏସବୁ ଶୁଣିବା ଉଚିତ୍ । ଯଦ୍ୱାରା ଉକ୍ତ ଭବିଷ୍ୟବାଣୀର ରହସ୍ୟ ବୁଝାପଡ଼ିବ । ଏଥିରେ ଅନେକ ନିଦର୍ଶନ ରହିଛି ବରଂ କିଛି ଲୋକେ ୫୦,୫୫ ଓ ୬୦ ମଧ୍ୟ ବାହାର କରିଛନ୍ତି । ଆପଣ ଯେଉଁ ବିଶେଷ ଗୁଣ ଗୁଡିକ ବର୍ଣ୍ଣନା କରିଛନ୍ତି ଏବଂ ଏହି ପେଶଗୋଇ(ସ୍ୱର୍ଗବାଣୀ)ର ଯେଉଁ ବିବରଣୀ ବର୍ଣ୍ଣନା ହୋଇଛି ସେ ସବୁ ନିଦର୍ଶନମାନ ହଜରତ୍ ମୁସଲେହ୍ ମଉଦ୍ ର:ଅ ଙ୍କ ସପକ୍ଷରେ ପୁରଣ ହୋଇଛି ।

✻✻✻✻✻✻✻✻✻✻✻✻✻✻✻✻✻✻

ପୃଷ୍ଠା-୮ ର ଅବଶିଷ୍ଟାଂଶ......

ଆପଣଙ୍କର ବାର୍ତ୍ତା ଥିଲା । ଆପଣଙ୍କର ଏହି ବାର୍ତ୍ତା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ ଯଦି ଆମେ ଏହି ସଂସାରକୁ ନିରୀକ୍ଷଣ କରିବା । ତେଣୁ ମୁଁ ଭାବୁଛି ଯେ ଏହା ଏକ ସ୍ପଷ୍ଟ ବାର୍ତ୍ତା ଥିଲା ଯାହାକୁ ସମସ୍ତେ ଶୁଣିବା ଉଚିତ୍ ।

*ମାସ୍ମୁ ଜୋନୁବାଲ୍ ଭାଇସ୍ ପ୍ରିନ୍ସିପାଲ୍ କ୍ୟାଥୋଲିକ୍ ସ୍କୁଲ୍ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି : ଯେତେବେଳେ ମଧ୍ୟ ମୋତେ ଏପରି ସୁଦୃଢ଼ ଭାଷଣ ଶୁଣିବାର ଅବସର ମିଳେ ମୁଁ ସେଥିରେ ନିଶ୍ଚିତ ରୂପେ ସାମିଲ୍ ହୋଇଥାଏ । ଖଲିଫତୁଲ୍ ମସିହ୍‌ଙ୍କ ଭାଷଣରେ ବହୁତ ଗୁଡିଏ ଏପରି କଥା ଥିଲା ଯାହାକୁ ମୁଁ ନିଜେ ଅନୁଭବ କରି ମାନୁଛି । ସେଥିପାଇଁ ମୋତେ ବହୁତ ଖୁସି ଲାଗିଲା ।

*ମୁହମ୍ମଦ୍ ଅଲ୍‌ହଲ୍‌ୱାଜି ପ୍ରେସିଡେଂଟ୍ ନାଏଲ୍ ଆସୋସିଏସନ୍ ଅଫ୍ ଏଂଟାରଓ୍ୱେ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି : ଆଜିର ବାର୍ତ୍ତା ଅତ୍ୟନ୍ତ ସ୍ପଷ୍ଟ ଥିଲା ଯେ ଆମ ସମସ୍ତଙ୍କୁ ପ୍ରେମର ସହିତ ରହିବା ଉଚିତ୍ ଏବଂ ଆମକୁ କାହା ସହିତ ଘୃଣା କରିବା ଆବଶ୍ୟକ ନୁହେଁ । ଯଦି ଆମେ ଏକ ଆରେକକୁ ଘୃଣା କରିବା ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । ଯେତେବେଳେ ମୁଁ ହଜୁରଙ୍କର ଭାଷଣ ପାର୍ଲିଆମେଂଟ୍‌ରେ ଶୁଣିଲି ସେତେବେଳେ ମୁଁ ବିଶ୍ୱାସ କରିପାରୁନଥିଲି ଯେ ପାର୍ଲିଆମେଂଟ୍‌ରେ ଏପରି ଭାବେ ଜଣେ ମୁସଲମାନ୍ ଲିଡର୍ ଭାଷଣ ଦେଇପାରିବେ । ହଜୁରଙ୍କ ନିକଟରେ ଭୟର ଲେସ ମାତ୍ର ଦୃଷ୍ଟିଗୋଚର ହେଉନଥିଲା । ଆପଣ ବହୁତ ନିର୍ଭୟର ସହିତ ଭାଷଣ ଦେଲେ । ଲୋକମାନଙ୍କୁ ବିଶ୍ୱାସ ହୋଇଗଲା ଯେ ଏହା ହିଁ ଇସ୍‌ଲାମ୍‌ର ପ୍ରକୃତ ସଚ୍ଚା ବାର୍ତ୍ତା ଅଟେ । ଆପଣ କହିଲେ ଯେ ଏ ଯେଉଁ ଯୁଦ୍ଧ ହେଉଅଛି ଏହା ପଛରେ କିଛି ଲୋକ ଅଛନ୍ତି କି ଯେଉଁମାନେ ଏହାର ଲାଭ ଉଠାଉଛନ୍ତି । ଆଜିର ଭାଷଣରେ ହଜୁର୍ ମୋହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ (ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ) ବିଷୟରେ କହିଲେ । ଏହା ସମସ୍ତଙ୍କର ଲାହେ ଅମଲ୍ (କାର୍ଯ୍ୟଶୈଳୀ) ହେବା ଉଚିତ୍ ଏବଂ ଏହା ହିଁ ସତ୍ୟ ଅଟେ । ମୁଁ ୧୯୮୦ ରୁ ଅହେମଦୀ ମୁସଲମାନ୍ ଅଛି ଏବଂ ୧୦-୧୫ ବର୍ଷ ପୂର୍ବରୁ ଯମାତ ଠାରୁ ଦୂରେଇ ଯାଇଛି । ଏବେ ମୋର ଖିଆଲ୍ ଆସିଲା ଯେ ମୋତେ ଓ୍ୱଲେମାଙ୍କ ସହିତ ସମ୍ପର୍କ ରଖିବା ଉଚିତ୍ ।

*ସାଂଟା ଅଲଓ୍ୱି ଯୁଗାଣ୍ଡା ମଦର୍ ଚର୍ଚ୍ଚ ନିଜର ଭାବନା ବ୍ୟକ୍ତ କରି କହିଲେ: ଖଲିଫତୁଲ୍ ମସିହ୍‌ଙ୍କ ଆଜିର ବାର୍ତ୍ତା କ୍ଷମା ଓ ଶାନ୍ତି ସ୍ଥାପନା ଉପରେ ପର୍ଯ୍ୟବେଶିତ ଥିଲା । ବିଶେଷ କରି ଏହା ଯେ ସବୁ ଧର୍ମ ଗୋଟିଏ ଖୁଦାକୁ ମାନୁଛନ୍ତି । କିନ୍ତୁ ବିଭିନ୍ନ ନାମରେ ତାଙ୍କୁ ଡ଼ାକୁଛନ୍ତି । ହଜୁର୍ ବିଶେଷ ରୂପେ ମୁସଲମାନଙ୍କୁ ଧ୍ୟାନ ଆକର୍ଷଣ କରାଇ କହିଲେ ଯେ ତୁମକୁ ଶାନ୍ତି ପ୍ରତିଷ୍ଠା ପାଇଁ ଅଧିକରୁ ଅଧିକ ଚେଷ୍ଟା କରିବାକୁ ହେବ, ଏହା ଶୁଣି ମୋତେ ବହୁତ ଖୁସି ଲାଗିଲା ।

*ସୁରିନ୍ଦର୍ ସିନ୍ଧୁ ନିଜର ଭାବନା ବ୍ୟକ୍ତ କରି କହିଲେ : ଏହା ଗୋଟିଏ ଜବରଦସ୍ତ ମୌକା ଥିଲା ଯାହା ହଜୁରଙ୍କ ଭାଷଣ ଦ୍ୱାରା ସମ୍ଭବ ହେଲା । ଯେଉଁଥିରେ ଆପର ଶାନ୍ତି, ପ୍ରେମ ଓ ସଂସାରର ଉନ୍ନତି ବିଷୟରେ ବର୍ଣ୍ଣନା କଲେ ।

*ଫିଡଲ୍ ନାମି ଜଣେ ଶିକ୍ଷାର୍ଥୀ ନିଜର ଭାବନା ବ୍ୟକ୍ତ କରି କହିଲେ: ହଜୁରଙ୍କର ଭାଷଣ, ସବୁ ପ୍ରୋଗ୍ରାମ୍ ଅତି ଉତମ ଥିଲା ଯାହା ମୋ ହୃଦୟକୁ ସ୍ପର୍ଷ କରିଗଲା । ହଜୁରଙ୍କ ସହିତ ଶାକ୍ଷାତକାରକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ । ଏହା ମୋ ଜୀବନର ଅତ୍ୟନ୍ତ ସୁନ୍ଦର ଅନୁଭବ ଥିଲା ।

*ସିହା ମୁସଲମାନ ଶିକ୍ଷାର୍ଥୀ ଫରିସ୍ତା ନିଜର ଭାବନା ବ୍ୟକ୍ତ କରି କହିଲେ: ହଜୁରଙ୍କର ଇସ୍‌ଲାମ୍ ଏବଂ ଶାନ୍ତି ବିଷୟରେ ଭାଷଣ ମୋ ଭାବନା ମୁତାବକ ଥିଲା । ହଜୁରଙ୍କର ମୁଖ ମଣ୍ଡଳରେ ଯେଉଁ ଜ୍ୟୋତି ପ୍ରକଟିତ ହୋଇଥିଲା ତାହା ବହୁତ ସୁନ୍ଦର ଲାଗୁଥିଲା ।

*ଗେର୍ଥ କାଲ୍‌ଓ୍ୱେ ଏବଂ ଡ଼ିନା କାଲ୍‌ଓ୍ୱେ ନିଜର ଭାବନା ବ୍ୟକ୍ତ କରି କହିଲେ: ଅତ୍ୟନ୍ତ ପ୍ରଭାବଶାଳୀ ବାର୍ତ୍ତା ଥିଲା ଏବଂ ବହୁତ ସୁନ୍ଦର ପରିବର୍ତନ ଥିଲା । ଏଥିରୁ ଯେଉଁଥିରୁ ଆମେ ସବୁବେଳେ ସଂସାରରେ ଦେଖୁଅଛେ ।

## ଭାଗ-୨ ଶେଷ

*ବାରାକାତ୍ ନିଜର ଭାବନା ବ୍ୟକ୍ତ କରି କହିଲେ : ଆପଣଙ୍କ ଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ସଂସାରର ସମସ୍ତ ଲୋକଙ୍କ ପାଇଁ ଥିଲା । ମୋର ଇଚ୍ଛା ଯେ ଏହି ବାର୍ତ୍ତା ଦୁନିଆର ପ୍ରତ୍ୟେକ ଲୋକଙ୍କ ପାଖରେ ପହଂଚୁ ।

*ଲୁସି କ୍ରାନୋଲ୍ ନିଜର ଭାବନା ବ୍ୟକ୍ତ କରି କହିଲେ : ଖଲିଫାଙ୍କର ଭାଷଣରୁ ମୁଁ ବହୁତ ଏପରି ଜିନିଷ ଶିଖିଲି ଯାହା ମୋତେ ପ୍ରଥମରୁ ଜଣା ନଥିଲା ଆପଣ କେବଳ ଭାଷଣ ଦେଲେ ତାହା ନୁହେଁ ବରଂ ଏଥିପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କଲେ ଯେ ଆମେ କିପରି ଜଣେ ଅନ୍ୟକୁ ପ୍ରେମ କରିପାରିବା ଏବଂ କିପରି ପ୍ରତ୍ୟେକ ଲୋକ ଏକତ୍ରିତ ହେବେ ତାଙ୍କର ଗୋଟିଏ କଥା ମୋ ଉପରେ ଗଭୀର ପ୍ରଭାବ ପକାଇଥିଲା ଯେ ମଣିଷ ଭାବରେ ଆମେ କୌଣସି କଥାର ବିରୋଧ କରିପାରୁ କିନ୍ତୁ ଆମର ଚେଷ୍ଟା ଏହା ହେବା ଉଚିତ୍ ଯେ ଆମ୍ଭେ କିପରି ଏହାର ସମାଧାନ ବାହାର କରିପାରିବା । ଆମକୁ ପ୍ରଥମେ ନିଜର କଥାକୁ ବୁଝିବା ଆବଶ୍ୟକ । ତା ପରେ ଆମେ ନ୍ୟାୟର ସହିତ ସମସ୍ୟାର ସମାଧାନ କରିପାରିବା । ଆଉଗୋଟିଏ କଥା ଯାହା ମୋତେ ଆଚମ୍ଭିତ କରିଦେଲା ତାହା ଏହା ଅଟେ ଯେ ଯଦି ଆମେ ନିଜର ବିଭେଦ ଦୂର ନ କରିବା ଏବଂ ମିଳିମିଶି ରହିବା ପାଇଁ ଶିଖିବା ନାହିଁ ତେବେ ଫଳ ସ୍ୱରୂପ ଆସନ୍ତା ପିଢ଼ି ଏହାର କୁଫଳ ଭୋଗିବ । ଆମକୁ ଅଲ୍ଲାହତାଲା ଶିଖାଇଛନ୍ତି ଯେ ଆମେ ନିଜର ବିଭିନ୍ନତା ସତ୍ୱେ ମଧ୍ୟ ମିଳିମିଶି ରହିବା ଉଚିତ୍ ।

*ମେଗନ୍ ଶିକ୍ଷାର୍ଥୀ ୟାର୍କ ୟୁନିଭର୍‌ସିଟି ନିଜର ଭାବନା ବ୍ୟକ୍ତ କରି କହିଲେ: ମୋତେ ଆଜି ଏଠାକୁ ଆସି ବହୁତ ଖୁସି ଲାଗୁଛି । ଏହା ଦେଖି ବହୁତ ଭଲ ଲାଗୁଛି ଯେ ଯମାତ ଅହେମଦୀୟା କିପରି ବିଭିନ୍ନ ଗୋଷ୍ଠୀର ଲୋକଙ୍କୁ ନିକଟକୁ ଟାଣି ଆଣୁଛି ଏବଂ ମୋ ମତରେ ଏହି ଜିନିଷର ଦୁନିଆରେ ଆବଶ୍ୟକତା ରହିଛି ।

*ଅବୁବକର୍ ୟୁସୁଫ୍ ମେମ୍ବର୍ ଜମିତା କମ୍ୟୁନିଟି ନିଜର ଭାବନା ବ୍ୟକ୍ତ କରି କହିଲେ: ଯାହା ମୁଁ ଦେଖିଲି ଓ ଶୁଣିଲି ସେଥିରେ ବହୁତ ପ୍ରଭାବିତ ହେଲି । ହଜୁର୍ ନିଜର ଭାଷଣରେ ଆଁ ହଜରତ୍ ସ:ଆ:ସଙ୍କ ବହୁତ ଗୁଡିଏ ଦୃଷ୍ଟାନ୍ତ ଉପସ୍ଥାପନ କଲେ ଏବଂ ଆମକୁ ନିର୍ଦ୍ଦେଶ ଦେଲେ ଯେ ଆମକୁ ତା ଉପରେ ଅମଲ କରିବା ପାଇଁ ଚେଷ୍ଟା କରିବାକୁ ହେବ । ଆପଣ ଆଁ ହଜରତ୍ ସ:ଆ:ସଙ୍କ ଜୀବନୀରୁ ଏହା ମଧ୍ୟ ପ୍ରମାଣ କଲେ ଯେ ସେ ଜୋର୍ ଜବରଦସ୍ତି କେବେ ମଧ୍ୟ କାହାକୁ ଇସ୍‌ଲାମ୍‌ରେ ଦିକ୍ଷୀତ କରାଇନାହାଁନ୍ତି । ଆଁ ହଜରତ୍ ସ:ଆ:ସ କିପରି ସମ୍ପୂର୍ଣ୍ଣ ମନୁଷ୍ୟ ଜାତିର ସେବା କରିଛନ୍ତି । ହଜୁର୍ ପବିତ୍ର କୋରାନ୍ ମଧ୍ୟ ଇସ୍‌ଲାମୀୟ ଶିକ୍ଷା ଉପରେ ଦୃଷ୍ଟି ଆକର୍ଷଣ କଲେ ଯେପରି ପବିତ୍ର କୋରାନ୍‌ରେ ଆସୁଅଛି ଲା ଇକ୍‌ରାହା ଫିଦ୍‌ଦୀନ୍ ଏବଂ ଆଁ ହଜରତ୍ ସ:ଆ:ସ କିପରି ଇସାଇ, ୟୁହୁଦୀ, ହିନ୍ଦୁ ବା କୌଣସି ବି ଧର୍ମକୁ ମାନିବା ବ୍ୟକ୍ତିମାନଙ୍କୁ ତାଙ୍କର ହୁକୁକ୍ (ଅଧିକାର) ଦେଲେ । ନିର୍ଦ୍ଦେଶ ଦେଲେ ଯେ ମଣିଷ ରୂପେ ଆମେ ସମସ୍ତେ ଏକ୍ । ହଜୁର୍ ନିଜ ଭାଷଣରେ ଦୁଃଖୀ ଲୋକଙ୍କ ନିମନ୍ତେ ମଧ୍ୟ ଧ୍ୟାନ ଆକର୍ଷଣ କରାଇଲେ ଯେ ସେମାନଙ୍କୁ ସାହାଯ୍ୟ କରିବା ଆମ ସମସ୍ତଙ୍କର ପରମ କର୍ତବ୍ୟ ଅଟେ । ହଜୁର୍ ବର୍ଣ୍ଣନା କରି କହୁଥିଲେ ଯେ ଆମକୁ ଜୋର୍ ଜବରଦସ୍ତି ଜୁଲମ୍, ହିଂସା ଏବଂ ସ୍ୱାର୍ଥପରତାକୁ ଛାଡ଼ି ମିଳିମିଶି ରହିବାକୁ ହେବ । ଏହି ଶିକ୍ଷା ଆମକୁ ଆଁ ହଜରତ୍ ସ:ଆ:ସ ଦେଇଛନ୍ତି ।

*ଗଣେଶ ଆଇ.ଟି ପ୍ରଫେସ୍‌ନାଲ୍ ନିଜର ଭାବନା ବ୍ୟକ୍ତ କରି କହିଲେ: ମୋତେ ଖଲିଫାଙ୍କ ସହିତ ମିଶି ବହୁତ ଖୁସି ଅନୁଭବ ହେଲା । ଏପରି ପ୍ରୋଗ୍ରାମରେ ମୁଁ ସାମିଲ୍ ହୋଇ ବହୁତ ଆନନ୍ଦିତ ହେଉଛି ।

*ଜଣେ ଶିକ୍ଷାର୍ଥୀ ମକସୁଦ୍ ନିଜର ଭାବନା ବ୍ୟକ୍ତି କରି କହିଲେ: ଯଦି ଆମେ ସମସ୍ତେ ଏପରି ଭାବିପାରନ୍ତେ ଯେପରି ହଜୁର୍ ବର୍ଣ୍ଣନା କଲେ । ମୁଁ ହଜୁରଙ୍କର

ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ.....

# ଖୁତ୍‌ବା ଜୁମା

■ଆଜିକାଲି ପୃଥିବୀର ପ୍ରତ୍ୟେକ ସ୍ଥାନରେ ଯେଉଁଭଳି ବିଭ୍ରାଟ ଓ ଅଶାନ୍ତି ବଢ଼ିଚାଲିଛି, ତାହା ସମସ୍ତଙ୍କୁ ଜଣା । ଇସଲାମ ବିରୋଧି ଶକ୍ତିମାନେ ଏଥିନିମନ୍ତେ ମୁସଲମାନମାନଙ୍କୁ ଦାୟୀ କରୁଛନ୍ତି । ଅବଶ୍ୟ ଏହା ଠିକ୍ ଯେ, କେତେକ ମୁସଲାମ ସଙ୍ଗଠନ ଇସଲାମ ନାମରେ ଏପରି କାଣ୍ଡ କରୁଛନ୍ତି, ଯାହାକି ଅତ୍ୟାଚାର ଓ ବର୍ବରତା ଛଡ଼ ଅନ୍ୟ କିଛି ନୁହେଁ । କିନ୍ତୁ ଇସଲାମୀୟ ଶିକ୍ଷା ସହ ଏପରି କାର୍ଯ୍ୟର କୌଣସି ସମ୍ପର୍କ ନାହିଁ । ଏହା ମଧ୍ୟ ସତ୍ୟ ଯେ, ବିଦ୍ଧିବଦ୍ଧ ଭାବରେ ଯୋଜନା ପ୍ରସ୍ତୁତ କରି ସରଳ ମୁସଲମାନମାନଙ୍କୁ ପ୍ରବର୍ତାଇ ଏପରି ପରିସ୍ଥିତି ସୃଷ୍ଟି କରାଯାଇଛି ଓ କରାଯାଇଅଛି । ମୁଖ୍ୟତଃ ଇସଲାମକୁ ସ୍ୱାର୍ଥପର ମୁସଲମାନ ଓ ଅମାନ୍ୟକାରୀମାନେ କ୍ଷତି ପହଂଚାଉଛନ୍ତି । ଯେ ନିଜ ସ୍ୱାର୍ଥ ହାସଲ କରିବା ନିମନ୍ତେ ଏପରି ଶକ୍ତିମାନଙ୍କର ମାଧ୍ୟମ ସାଜିଛନ୍ତି । ସେ ଯାହା ହେଉ ବର୍ତମାନ ସଂସାରର ଅବସ୍ଥା ବେଶ୍ ଶୋଚନୀୟ ହୋଇପଡିଲାଣି । କେତେକ ମୁସଲମାନମାନଙ୍କ ଅପକର୍ମ ଯୋଗୁଁ ମୁସଲମାନ ବିରୋଧିମାନଙ୍କୁ ଇସଲାମକୁ ବଦନାମ କରିବାର ସୁଯୋଗ ମିଳିଯାଉଛି । ଏପରି ଆମେ ଅହେମଦିମାନେ ମଧ୍ୟ ଏହାର ଶୀକାର ହୋଇଥାଉ ।

■ତେଣୁ ଅହେମଦିମାନେ ମୁସଲମାନ ହେବା କାରଣରୁ କେବଳ ଏହି ଦେଶମାନଙ୍କରେ ନୁହେଁ ବରଂ ମୁସଲମାନ ରାଷ୍ଟ୍ରମାନଙ୍କରେ ମଧ୍ୟ ଏହି କଠୋରତାର ଶୀକାର ହେଉଛନ୍ତି । କେବଳ ଏଥିପାଇଁ ଯେ, ଆମେ ଯୁଗର ବାର୍ତାବହ ଯେ କି ଅଲ୍ଲାଃଙ୍କ ପ୍ରତିଶୃତୀ ମୁତାବକ ଆସି ଘୋଷଣା କଲେ ତାଙ୍କୁ ସ୍ୱୀକାର କରିନେଲୁ । ପାକିସ୍ତାନରେ ଯେଉଁଭଳି କଠୋର ଆଇନ୍ ଯୋଗୁଁ ମୌଲବିମାନେ ମୁକ୍ତ ଭାବରେ ଅନ୍ୟାୟ ଅତ୍ୟାଚାର କରୁଛନ୍ତି । ପୁଣି ମୌଲବିମାନଙ୍କ ଭୟରେ ଅଦାଲତର ବିଚାରପତିମାନେ ମଧ୍ୟ ନ୍ୟାୟ ବିଚାର ନକରିବା ପାଇଁ ବାଧ୍ୟ ହେଉଛନ୍ତି ।

■ଦେଖ ଆମ ନିକଟରେ ନା ପ୍ରଶାସନିକ କ୍ଷମତା ଅଛି, ନା ଧନସମ୍ପତି ନା (ଆରବର) ତୈଳ ଉତ୍ପାଦନ ଅର୍ଥ । ହଁ ଗୋଟିଏ ଜିନିଷ ଅଛି ସଂସାରର ପ୍ରତ୍ୟେକ ଅହେମଦିକୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ଏବଂ ତାହା ଏହି କି ଯେ, ଉପାସନା, ଦାନ ଦକ୍ଷିଣା ମାଧ୍ୟମରେ ଅଲ୍ଲାଃଙ୍କ ନିକଟବର୍ତୀ ହେବା । ଏହା ହିଁ ଅଲ୍ଲାଃଙ୍କ ଦୟାକୁ ଉତେଜିତ କରିଥାଏ ଏବଂ ତାହା ସହିତ ଅଲ୍ଲାଃଙ୍କ ସରଣ ଲାଭ କରିବାର ମାଧ୍ୟମ ସାଜିଥାଏ ।

■ମଣିଷ ମଧ୍ୟରେ ଅସଂଖ୍ୟ ଦୋଷତ୍ରୁଟୀ ରହିଛି । ଅନେକ ସମୟରେ ଆମେ ସାଂସାରିକ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ନିଜ ଉପାସନାର ସଠିକ୍ କର୍ତବ୍ୟ ସମ୍ପାଦନ କରିପାରିନଥାଉ । କିନ୍ତୁ କୌଣସି ବ୍ୟକ୍ତିଗତ ଅସୁବିଧା ପଡ଼ିଲେ କିଂଚିତ ଦାନଧ୍ୟାନ କରିବା ପ୍ରତି ମନବଳାଇଥାଉ । ନଚେତ୍ ଏଥିପ୍ରତି କାହାର ଧ୍ୟାନ ନଥାଏ । ଯଦି ଅଲ୍ଲାଃଙ୍କ କୃପା ଲାଭ କରିବାର ଅଛି ଓ ତାଙ୍କ ଦୟାକୁ ଉତେଜିତ କରି ଶତ୍ରୁ ତଥା ବିରୋଧିମାନଙ୍କ ଯୋଜନା ଓ ପ୍ରଚେଷ୍ଟାକୁ ନିରର୍ଥକ କରିବାର ଅଛି । ତେବେ ଆମ୍ଭକୁ ଉପରୋକ୍ତ ଉକ୍ତି ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ, ଯାହାକି ଅଲ୍ଲାଃଙ୍କ ପ୍ରିତିଭାଜନ ଓ ଦୋଷ କ୍ଷମା କରିବାରେ ସହାୟ ହୋଇଥାଏ ।

> ପବିତ୍ର କୋରାନ, ପବିତ୍ର ହଦିସ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଦେଶାନୁସାରେ ଉପାସନାର ପ୍ରତିଷ୍ଠା, ଅତ୍ୟଧିକ ତୌବାଃ, ଇସ୍‌ତେଗ୍‌ଫାର୍ ଓ ସଦ୍‌କା ଦେବା ପାଇଁ ବିଶେଷ ତାଗିଦ ।

■ମୁକରମା ସାଆଦା ବର୍‌ତାୱି ସ୍ତ୍ରୀ ମୁକରମ୍ ମର୍‌ଇ ବର୍‌ତାୱି ସାହେବ ସିରିଆ ନିବାସୀଙ୍କ ୱଫାତ୍, ମରହୁମାଙ୍କର ଉତମ ଜୀବନଚରିତ ଚର୍ଚ୍ଚା ଏବଂ ନମାଜ ଗାଏବ ପାଠ ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ (ପ୍ରଦତ୍‌ତ: ୨୪ ଫେବୃୟାରୀ ୨୦୧୭ ଅନୁଯାୟୀ ୨୪ ତବ୍‌ଲିଗ୍ ୧୩୯୬ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜିକାଲି ପୃଥିବୀର ପ୍ରତ୍ୟେକ ସ୍ଥାନରେ ଯେଉଁଭଳି ବିଭ୍ରାଟ ଓ ଆଶାନ୍ତି ବଢ଼ିଚାଲିଛି, ତାହା ସମସ୍ତଙ୍କୁ ଜଣା । ଇସଲାମ ବିରୋଧି ଶକ୍ତିମାନେ ଏଥିନିମନ୍ତେ ମୁସଲମାନମାନଙ୍କୁ ଦାୟୀ କରୁଛନ୍ତି । ଅବଶ୍ୟ ଏହା ଠିକ୍ ଯେ, କେତେକ ମୁସଲାମ ସଙ୍ଗଠନ ଇସଲାମ ନାମରେ ଏପରି କାଣ୍ଡ କରୁଛନ୍ତି, ଯାହାକି ଅତ୍ୟାଚାର ଓ ବର୍ବରତା ଛଡ଼ ଅନ୍ୟ କିଛି ନୁହେଁ । କିନ୍ତୁ ଇସଲାମୀୟ ଶିକ୍ଷା ସହ ଏପରି କାର୍ଯ୍ୟର କୌଣସି ସମ୍ପର୍କ ନାହିଁ । ଏହା ମଧ୍ୟ ସତ୍ୟ ଯେ, ବିଦ୍ଧିବଦ୍ଧ ଭାବରେ ଯୋଜନା ପ୍ରସ୍ତୁତ କରି ସରଳ ମୁସଲମାନମାନଙ୍କୁ ପ୍ରବର୍ତାଇ ଏପରି ପରିସ୍ଥିତି ସୃଷ୍ଟି କରାଯାଇଛି ଓ କରାଯାଇଅଛି । ମୁଖ୍ୟତଃ ଇସଲାମକୁ ସ୍ୱାର୍ଥପର ମୁସଲମାନ ଓ ଅମାନ୍ୟକାରୀମାନେ କ୍ଷତି ପହଂଚାଉଛନ୍ତି । ଯେ ନିଜ ସ୍ୱାର୍ଥ ହାସଲ କରିବା ନିମନ୍ତେ ଏପରି ଶକ୍ତିମାନଙ୍କର ମାଧ୍ୟମ ସାଜିଛନ୍ତି । ସେ ଯାହା ହେଉ ବର୍ତମାନ ସଂସାରର ଅବସ୍ଥା ବେଶ୍ ଶୋଚନୀୟ ହୋଇପଡିଲାଣି । କେତେକ ମୁସଲମାନମାନଙ୍କ ଅପକର୍ମ ଯୋଗୁଁ ମୁସଲମାନ ବିରୋଧିମାନଙ୍କୁ ଇସଲାମକୁ ବଦନାମ କରିବାର ସୁଯୋଗ ମିଳିଯାଉଛି । ଏପରି ଆମେ ଅହେମଦିମାନେ ମଧ୍ୟ ଏହାର ଶୀକାର ହୋଇଥାଉ । ଯଦିଓ ଆମ ସହ ପରିଚିତ ଲୋକେ ଜାଣନ୍ତି ଯେ, ଅହେମଦିୟତ୍‌ର ଶିକ୍ଷା ଓ ଅମଳ ସ୍ନେହ, ପ୍ରେମ ଓ ଭାତୃଭାବ ବ୍ୟତୀତ ଅନ୍ୟ କିଛି ନୁହେଁ । ତଥାପି ସାଧାରଣ ଲୋକମାନେ ଆମକୁ ମଧ୍ୟ ସେହିପରି ମନେକରିଥାନ୍ତି ଯେପରି ଖବର ମିଡ଼ିୟା ଇସଲାମ ଓ ମୁସଲମାନମାନଙ୍କ ସମ୍ବନ୍ଧରେ ପ୍ରସାରଣ କରୁଅଛି । ଅନେକ ଦେଶରେ ନୈଷ୍ଟିକ ଗୋଷ୍ଠୀ ଓ ଦଳ ସମୁହ ଆମ କଥା ଶୁଣିବାକୁ ହିଁ ପ୍ରସ୍ତୁତ ନାହାନ୍ତି ।

କେବଳ ନକାରାତ୍ମକ ଚିନ୍ତାଧାରା ଓ ତଦନୁଯାୟୀ ଅମଳ କରିବାକୁ ସେମାନେ ପ୍ରାଥମିକତା ଦେଇଥାନ୍ତି । ଜର୍ମାନୀର ପୂର୍ବ ଭାଗରେ ଏପରି ବିରୁଦ୍ଧାଚରଣର ସମ୍ମୁଖୀନ ହେବାକୁ ପଡୁଛି ଏବଂ ହଲାଣ୍ଡରେ ମଧ୍ୟ ଯେଉଁଠାରେ କି ଖୁବ୍ ଶିଘ୍ର ନିର୍ବାଚନ ହେବ, ସମାନ ପରିସ୍ଥିତି ରହିଛି । ସେହିପରି ୟୁରୋପର ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ରାଇଟଷ୍ଟ (ଦଳ) ସୁଦୃଢ ହେଉଅଛି । ଏତତ୍ ବ୍ୟତୀତ ଆମେରିକାର ଅବସ୍ଥା ତ ସମସ୍ତେ ଜାଣନ୍ତି । ତେଣୁ ଅହେମଦିମାନେ ମୁସଲମାନ ହେବା କାରଣରୁ କେବଳ ଏହି ଦେଶମାନଙ୍କରେ ନୁହେଁ ବରଂ ମୁସଲମାନ ରାଷ୍ଟ୍ରମାନଙ୍କରେ ମଧ୍ୟ ଏହି କଠୋରତାର ଶୀକାର ହେଉଛନ୍ତି । କେବଳ ଏଥିପାଇଁ ଯେ, ଆମେ ଯୁଗର ବାର୍ତ୍ତାବହ ଯେ କି ଅଲ୍ଲାଃଙ୍କ ପ୍ରତିଶୃତୀ ମୁତାବକ ଆସି ଘୋଷଣା କଲେ ତାଙ୍କୁ ସ୍ୱୀକାର କରିନେଲୁ । ପାକିସ୍ତାନରେ ଯେଭଳି କଠୋର ଆଇନ୍ ଯୋଗୁଁ ମୌଲବିମାନେ ମୁକ୍ତ ଭାବରେ ଅନ୍ୟାୟ ଅତ୍ୟାଚାର କରୁଛନ୍ତି । ପୁଣି ମୌଲବିମାନଙ୍କ ଭୟରେ ଅଦାଲତର ବିଚାରପତିମାନେ ମଧ୍ୟ ନ୍ୟାୟ ବିଚାର ନକରିବା ପାଇଁ ବାଧ୍ୟ ହେଉଛନ୍ତି । ବର୍ତ୍ତମାନ ଅଲ୍‌ଯଜାୟର୍ (ଉପଦ୍ୱିପମାନଙ୍କରେ) ମଧ୍ୟ (ଅହେମଦିମାନଙ୍କ ସହିତ) ଏହି ପ୍ରକାର ଆଚରଣ କରିବା ଆରମ୍ଭ କରିଦେଲେଣି ଏବଂ ନାମକୁ ମାତ୍ର ମୌଲବି ବୋଲାଉଥିବା ଏହି ଅତ୍ୟାଚାରୀମାନେ ସରଳ ଅହେମଦିମାନଙ୍କ ଉପରେ ମିଥ୍ୟା ଅଭିଯୋଗ ଲଗାଇ ଜେଲ୍‌କୁ ପଠାଇ ଦେଉଛନ୍ତି । ବର୍ତ୍ତମାନ ସେଠାରେ ୧୬ଜଣ ଅହେମଦି, ଅହେମଦିୟତ୍ ସ୍ୱୀକାର କରିବା ଯୋଗୁଁ କାରାବରଣ ଭୋଗ କରୁଛନ୍ତି । ଏପରି ଅବସ୍ଥାରେ ଜଣେ ଅହେମଦିକୁ କଣ କରିବା ଉଚିତ୍ । ଦେଖ ଆମ ନିକଟରେ ନା ପ୍ରଶାସନିକ କ୍ଷମତା ଅଛି, ନା ଧନସମ୍ପତି ନା (ଆରବର) ତୈଳ ଉତ୍ପାଦନ ଅର୍ଥ । ହଁ ଗୋଟିଏ ଜିନିଷ ଅଛି ସଂସାରର ପ୍ରତ୍ୟେକ ଅହେମଦିକୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ଏବଂ ତାହା ଏହି କି ଯେ, ଉପାସନା, ଦାନ ଦକ୍ଷିଣା ମାଧ୍ୟମରେ ଅଲ୍ଲାଃଙ୍କ ନିକଟବର୍ତ୍ତୀ ହେବା । ଏହା ହିଁ ଅଲ୍ଲାଃଙ୍କ ଦୟାକୁ ଉତେଜିତ କରିଥାଏ ଏବଂ ତାହା ସହିତ ଅଲ୍ଲାଃଙ୍କ ସରଣ ଲାଭ କରିବାର ମାଧ୍ୟମ ସାଜିଥାଏ । ମଣିଷ ମଧ୍ୟରେ ଅସଂଖ୍ୟ ଦୋଷତ୍ରୁଟୀ ରହିଛି । ଅନେକ ସମୟରେ ଆମେ ସାଂସାରିକ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ନିଜ ଉପାସନାର ସଠିକ୍ କର୍ତବ୍ୟ ସମ୍ପାଦନ କରିପାରିନଥାଉ । କିନ୍ତୁ କୌଣସି ବ୍ୟକ୍ତିଗତ ଅସୁବିଧା ପଡ଼ିଲେ କିଂଚିତ ଦାନଧ୍ୟାନ କରିବା ପ୍ରତି ମନବଳାଇଥାଉ । ନଚେତ୍ ଏଥିପ୍ରତି କାହାର ଧ୍ୟାନ ନଥାଏ । ଯଦି ଅଲ୍ଲାଃଙ୍କ କୃପା ଲାଭ କରିବାର ଅଛି ଓ ତାଙ୍କ ଦୟାକୁ ଉତେଜିତ କରି ଶତ୍ରୁ ତଥା ବିରୋଧିମାନଙ୍କ ଯୋଜନା ଓ ପ୍ରଚେଷ୍ଟାକୁ ନିରର୍ଥକ କରିବାର ଅଛି । ତେବେ ଆମ୍ଭକୁ ଉପରୋକ୍ତ ଉକ୍ତି ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିବ, ଯାହାକି ଅଲ୍ଲାଃଙ୍କ ପ୍ରତିଭାଜନ ଓ ଦୋଷ କ୍ଷମା କରିବାରେ ସହାୟ ହୋଇଥାଏ । ଯେତେବେଳେ ଅଲ୍ଲାଃ କହିଛନ୍ତି କି ମୁଁ କ୍ଷମା ପ୍ରାର୍ଥନା ଓ ଦାନଧ୍ୟାନକୁ ସ୍ୱୀକାର କରିଥାଏ ତେବେ ତାହା ଏଥିପାଇଁ କି ଏତତ୍ ଦ୍ୱାରା ତୁମର ବିପତି ଓ ସଙ୍କଟ ଦୂର ହେବ ଏବଂ ମୁଁ ତୁମକୁ ଅସାନ୍ତିରୁ ମୁକ୍ତି ପ୍ରଦାନ କରି ନିଜ ନିକଟରେ ସ୍ଥାନ ଦେବି । ତୁମ ଦୋଷ କ୍ଷମା ଦେଇ ତୁମକୁ ନିଷ୍ପାପର ଭକ୍ତ ହେବାର ଶକ୍ତି ପ୍ରଦାନ କରିବି ଏବଂ ତୁମ ଉପରେ ମୋର ଦୟା ଓ କୃପା ଅବତିର୍ଣ୍ଣ ହେବ । ଯେପରିକି ସେ କୁହନ୍ତି- **ଅଲମ୍ ୟାଲମୁ ଅନ୍ନଲ୍ ଲାହା ହୁୱାୟକ୍‌ବଲୁତ୍ ତୌବତା ଅନ୍ ଇବାଦିହି ୱ୍ ୟାଖୁଜୁସ୍ ସଦକାତି ୱ୍ ଅନ୍ନଲ୍ ଲାହା ହୁୱ୍‌ତ୍ ତୱାବୁର୍ ରହିମ୍** (ସୁରା ତୌବାଃ:୧୦୪) ଅର୍ଥାତ- କଣ ସେମାନେ ଏହା ଜାଣନ୍ତି ନାହିଁ ଯେ ଅଲ୍ଲାଃ ହିଁ ତାଙ୍କ ଭକ୍ତମାନଙ୍କର ଅନୁତାପକୁ ଗ୍ରହଣ କରନ୍ତି ଓ ସେମାନଙ୍କ ଦାନର ପ୍ରାପ୍ତି ସ୍ୱୀକାର କରନ୍ତି ଏବଂ ଅଲ୍ଲାଃ ହିଁ ଅନୁତାପ ଗ୍ରହୀତା ଓ ସଦା କରୁଣାମୟ ।

ହଜରତ ମସିହ ମଉଦ ଆ.ସ କୁହନ୍ତି ସଦ୍‌କା ସିଦକ୍ (ସତ୍ୟ)ରୁ ଆନିତ । ଯେତେବେଳେ କେହି ଅଲ୍ଲାଃଙ୍କ ମାର୍ଗରେ ଦାନ କରିଥାଏ । ସେଥିରୁ ଜଣାଯାଏ ଯେ, ସେ ଅଲ୍ଲାଃଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖିଥାଏ । ଦୁଆ ସହିତ ପୂର୍ଣ୍ଣ ନମ୍ରତା ଓ କରୁଣା ଉତ୍ପନ ହୋଇଥାଏ । ଦୁଆରେ ଏକ ବଳିଦାନ ରହିଛି । ଯଦି (କାହାରିକୁ) ସତ୍ୟ ଓ ଦୁଆ ଉଭୟ ହାସଲ ହୋଇଯାଏ ତେବେ ତାହା ରସାୟନ ସଦୃଶ ପାଲଟି ଯାଇଥାଏ । ଯଦି ଏହି ଦୁଇଟିଯାକ ଏକତ୍ର ପ୍ରାପ୍ତ ହୁଏ ତେବେ ଏତଦ୍ୱାରା ସଫଳ ନିଦାନ ମିଳିଥାଏ । **(ମଲ୍‌ଫୁଜାତ୍ ଖଣ୍ଡ-୭, ପୃଷ୍ଠା-୮୭-୮୮, ହାସିୟା, ଏଡ଼ିସନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ସୁତରାଂ କ୍ଷମା ପ୍ରାର୍ଥନା କରିବା ମଧ୍ୟ ଦୁଆ ଅଟେ ଏବଂ ଯେତେବେଳେ ମଣିଷ ନିଜ ଦୋଷ ଦୁର୍ବଳତା ଓ ପାପକର୍ମକୁ ସମ୍ମୁଖରେ ରଖି ଦୁଆ କରେ ସେତେବେଳେ ନମ୍ରତା, କରୁଣା ଓ ଉତେଜନା ସୃଷ୍ଟି ହୋଇଥାଏ । କେବଳ ମୁହଁରେ **ଅସ୍‌ତଗ୍ ଫିରୁଲ୍ଲାଃ ଅସ୍‌ତଗ୍ ଫିରୁଲ୍ଲାଃ** କହି ଧ୍ୟାନ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହା ପ୍ରତି ରଖିଲେ, ଉଦ୍ଦେଶ୍ୟ ପୂରଣ ହୋଇନଥାଏ । ଦେଖ ଅଲ୍ଲାଃତାଲା ଦୁଆ ସ୍ୱୀକାର କରିଥାନ୍ତି ଏବଂ ତାଙ୍କର ଦୟା ଲାଭ କରିବା ଉଦ୍ଦେଶ୍ୟରେ ଯେଉଁ ସଦ୍‌କା ବ୍ୟସ୍ତବିବ୍ରତ ହୋଇ ଦିଆଯାଇଥାଏ, ତାହା ତାଙ୍କର ସ୍ୱୀକୃତି ପ୍ରାପ୍ତ କରିଥାଏ । ଯେତେବେଳେ ଭକ୍ତ ପ୍ରତିଜ୍ଞା କରେ କି ମୁଁ ଭବିଷ୍ୟତରେ (ସମସ୍ତ ପ୍ରକାରର) ଅପକର୍ମରୁ ନିବୃତ ରହିବାର ପୂର୍ଣ୍ଣ ପ୍ରୟାସ କରିବି ଏବଂ ଏପରି ସେ ଅଲ୍ଲାଃଙ୍କ କୃପା ଲାଭ କରିବାର ଚେଷ୍ଟା କରେ ସେତେବେଳେ ଯେମିତିକି ହଜରତ ମହମ୍ମଦ ସ.ଆଙ୍କ ମାଧ୍ୟମରେ ଅଲ୍ଲାଃ ଆମ୍ଭକୁ ସୁସମ୍ବାଦ ଦେଇଛନ୍ତି କି ମୋ ଭକ୍ତମାନଙ୍କୁ କହି ଦିଅ- ଯଦି ସେ ମୋ ନିକଟକୁ ଗୋଟିଏ ପାଦ ଅଗ୍ରସର ହେବ ତେବେ ମୁଁ ତା ନିକଟକୁ ଦୁଇ ପାଦ ଅଗ୍ରସର ହେବି । ଯଦି ସେ ମୋ ନିକଟକୁ ଚାଲିକରି ଆସେ ତେବେ ମୁଁ ତା ନିକଟକୁ ଦୌଡ଼ି କରିଯିବି । **(ହଦିସ୍ ସହି ବୁଖାରି କିତାବୁତ୍ ତୌହିଦ୍ ହଦିସ୍ ନଂ-୭୪୦୫)** ସୁତରାଂ ଅଲ୍ଲାଃଙ୍କ ଦୟାର କୌଣସି ସୀମା ନାହିଁ ।

ପୁଣି ଆଁ ହଜ୍‌ରତ୍ ସ:ଆ:ସ ଏହା ମଧ୍ୟ କହୁଛନ୍ତି ଯେ ଅଲ୍ଲାଃତାଲା ବହୁତ ଲଜ୍ଜାଶୀଳ ଅଟନ୍ତି, ବହୁତ ଦାନଶୀଳ ଅଟନ୍ତି ଏବଂ ବହୁତ ଦୟାଶୀଳ ମଧ୍ୟ ଅଟନ୍ତି । ଯେତେବେଳେ ଭକ୍ତ ତା ନିକଟରେ ହାତ ଉଠାଇ କିଛି

ମାଗିଥାଏ ତେବେ ତାକୁ ସେ ଖାଲି ହାତରେ ଫେରାଇବାକୁ ଲଜ୍ଜା ଅନୁଭବ କରିଥାଏ । **(ହଦିସ୍ ସୁନନେ ତିରିମିଜି ଅବୁଆବୁଦ୍ ଦାଓ୍ୱାତ୍...ହଦିସ୍ ନଂ-୩୫୫୬)**

ଏପରି ହୋଇପାରେ ଯେପରି ଭକ୍ତ ଫଳ ମାଗିଥାଏ ବା ଫଳର ଆଶା ରଖିଥାଏ ଜରୁରୀ ନୁହେଁ ଯେ ଆଶାନୁରୂପ ଫଳ ମିଳିଯିବ ବୋଲି । ବେଳେବେଳେ ଅଲ୍ଲାଃତାଲାଙ୍କ ହିକ୍‌ମତ୍ ଅନୁସାରେ କିଛି ସମୟ ପରେ ଏବଂ ଅନ୍ୟ ରୂପରେ ଉକ୍ତ ପ୍ରାର୍ଥନା ଗୁଡିକର ଏବଂ ସଦ୍‌କାତ୍‌ର ଫଳ ପ୍ରାପ୍ତ ହୋଇଥାଏ । ବେଳେବେଳେ ଖୁବ୍ ଶିଘ୍ର ମଧ୍ୟ ଫଳ ମିଳିଥାଏ ।

ତେଣୁ ଏପରି କାମିଲ୍ (ସମ୍ପୂର୍ଣ୍ଣ) ଇମାନ୍ ହେବା ଉଚିତ୍ ଯେ ଅଲ୍ଲାଃତାଲା ଯେପରି କହୁଛନ୍ତି କି ମୁଁ ପ୍ରାର୍ଥନାକୁ ଶୁଣୁଛି, ମୁଁ ଇସ୍‌ତେଗ୍‌ଫାର୍‌କୁ ଗ୍ରହଣ କରୁଛି ଓ ମୁଁ ସଦ୍‌କାକୁ ମଧ୍ୟ ଗ୍ରହଣ କରୁଛି । ଅର୍ଥାତ୍- ଯେତେବେଳେ ମଣିଷ ନିଜ ପାପରୁ କ୍ଷମା ମାଗୁଥାଏ ଏବଂ ଆସନ୍ନ ପାପରୁ ଓ ଦୁର୍ବଳତାରୁ ବଂଚିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥାଏ ତତ୍ ସହିତ ତା ଉପରେ ଅମଳ କରିବା ପାଇଁ ଚେଷ୍ଟା ମଧ୍ୟ କରିଥାଏ ତେବେ ଅଲ୍ଲାଃତାଲା ତାକୁ ଗ୍ରହଣ କରିଥାନ୍ତି ଏବଂ ପ୍ରତ୍ୟେକ ପ୍ରକାରର ଦୁଃଖ କଷ୍ଟରୁ ତାଙ୍କୁ ମୁକ୍ତି ଦେଇଥାନ୍ତି ।

ସର୍ବଦା ମନେରଖିବା ଉଚିତ୍ ଯେ, ଅଲ୍ଲାଃ ଆମ ଆନ୍ତରର ଅବସ୍ଥା ଜାଣନ୍ତି । ତେଣୁ ଆମର ଲୋକ ଦେଖାଣିଆ ଅମଳ ତାଙ୍କ ନିକଟରେ କଦାପି ଗ୍ରହଣିୟ ନୁହେଁ । ଦେଖ ଅଲ୍ଲାଃତାଲା ତ ଏଭଳି ଦୟାଳୁ, କୃପାଳୁ ଯେମିତି ହଜରତ ମହମ୍ମଦ ସ.ଆ କୁହନ୍ତି ଯେଉଁ ବ୍ୟକ୍ତି ନିକଟରେ ଅର୍ଥ ନଥାଏ କି ସେ ସଦ୍‌କା କରି ପୁଣ୍ୟ ଅର୍ଜନ କରିପାରିବ ତେବେ ତାହାକୁ ଉତମ କର୍ମ କରିବା ଓ ଅପକର୍ମରୁ ନିବୃତ ରହିବା ଦ୍ୱାରା ହିଁ ସମାନ ପୁଣ୍ୟ ଲାଭ ହୋଇଯାଇଥାଏ । **(ହଦିସ୍ ସହି ବୁଖାରି କିତାବୁଜ୍ ଜକାତ୍...ହଦିସ୍ ନଂ-୧୪୪୫)**

ସେମାନଙ୍କର ଉପାସନା ଏବଂ ଇସ୍‌ତେଗ୍‌ଫାର୍ ଓ ପୁଣ୍ୟକର୍ମ ଯାହା ଅନ୍ୟମାନଙ୍କୁ ଲାଭ ପହଂଚାଇବା ପାଇଁ ହୋଇଥାଏ ସେଗୁଡିକ ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣୀୟ ହେବା ସହିତ ସେମାନଙ୍କୁ ଉକ୍ତ ପୁଣ୍ୟ କାର୍ଯ୍ୟଗୁଡିକ ଓ ସଦ୍‌କାର ସଓ୍ୱାବ୍ ମଧ୍ୟ ମିଳିଥାଏ । ଜଣେ ବିତଶାଳୀ ବ୍ୟକ୍ତି ଯେଉଁଠି ସଦ୍‌କା ଦେଇ ପୁଣ୍ୟ କମାଇଥାଏ ସେଠାରେ ଜଣେ ଗରିବ ବ୍ୟକ୍ତି ନିଜର ଉତମ ନିୟତ ଅନୁସାରେ ସଦ୍‌କାର ସମାନ ସଓ୍ୱାବ୍ (ପୁଣ୍ୟ) କମାଉଥାଏ । ତେଣୁ ଏପରି ଭଲ ପାଉଥିବା ଅଲ୍ଲାଃଙ୍କର ଆମେ କିପରି ପ୍ରଶଂସା କରିବା ଉଚିତ୍ ଯିଏ ଆମକୁ କେବଳ ଆମ ଦୁର୍ବଳତାରୁ ରକ୍ଷା କରିବା ପାଇଁ ବାଟ ଦେଖାଇ ନାହାଁନ୍ତି ବରଂ ଏହା ମଧ୍ୟ କହୁଛନ୍ତି ଯେ ମୁଁ ତୁମର ଉକ୍ତ କାର୍ଯ୍ୟ ଗୁଡିକର ଯାହାକୁ ତୁମେ ଦୁର୍ବଳତା ଏବଂ ପାପରୁ ବଂଚିବା ପାଇଁ କରୁଅଛ ତାହା ମୁଁ ଗ୍ରହଣ କରୁଅଛି । ତୁମକୁ ଉକ୍ତ ପାପ କର୍ମରୁ ମୁକ୍ତି ମଧ୍ୟ ଦେବି ।

ବିପତି ଓ ସଙ୍କଟାପର୍ଣ୍ଣ ପରିସ୍ଥିତିରୁ ମୁକୁଳିବାର କେବଳ ଗୋଟିଏ ମାର୍ଗ ଏହି କି ଯେ, ଆମେ ନିଷ୍ପାପର ଉପାସନା ଓ ଦୁଆ ମାଧ୍ୟମରେ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇ କ୍ଷମା ପ୍ରାର୍ଥନା ଓ ଦାନ ଦକ୍ଷିଣା ପ୍ରତି ଧ୍ୟାନ ଦେବା । କ୍ଷମା ପ୍ରାର୍ଥନାର ସତ୍ୟାସତ୍ୟ ବର୍ଣ୍ଣନା କରି ହଜରତ ମସିହ ମଉଦ ଆ.ସ କୁହନ୍ତି- ପାପ ଏକ ଏପରି କୀଟ ଯାହାକି ମଣିଷର ରକ୍ତରେ ମିଶ୍ରିତ ରହିଥାଏ । କିନ୍ତୁ ତାହାର ଉପଚାର କେବଳ କ୍ଷମା ପ୍ରାର୍ଥନା ଦ୍ୱାରା ସମ୍ଭବ । କ୍ଷମା ପ୍ରାର୍ଥନା କଣ ଏହି କି ଯେ, ଯେଉଁ ଅପକର୍ମ କରିବସ । ତାହାର ଖରାପ ପରିଣତିରୁ (ଅଲ୍ଲାଃଙ୍କ) ସୁରକ୍ଷିତ ଦୁର୍ଗରେ ରହିବା ଏବଂ ଯେଉଁ ଅପକର୍ମ କରି ନାହିଁ, ଯାହା କରିବା ମଣିଷ ସାମର୍ଥ୍ୟ ଭିତରେ ସେହି ସମୟ ନଆସିବା ଅର୍ଥାତ ଅପକର୍ମରୁ ନିବୃତ ରହିବା ଓ ତାହା ଜଳିପୋଡ଼ି ଭସ୍ମ ହୋଇଯିବା ଅଟେ । ଆପଣ କୁହନ୍ତି ଏହା ଏକ ଭୟଙ୍କର ସମୟ ତେଣୁକରି କ୍ଷମା ପ୍ରାର୍ଥନାରେ ଲାଗିରହିବା ସହିତ ନିଜର ନିରିକ୍ଷଣ କରୁଥାଅ । ପ୍ରତ୍ୟେକ ଧର୍ମ ଓ ଧାର୍ମିକ ପୁସ୍ତକରେ ଲେଖାଅଛି ଯେ, ଦାନଧ୍ୟାନ ଦ୍ୱାରା ବିପତି ଟଳି ଯାଇଥାଏ । କିନ୍ତୁ ତାହା ମଧ୍ୟ ବିପତି ଆସିବା ପୂର୍ବରୁ ଅଟେ । କିନ୍ତୁ ଯେତେବେଳେ ବିପତି ଆସିଯାଏ ସେତେବେଳେ ଆଉ ଟଳିନଥାଏ । ସୁତରାଂ ତୁମେ ବର୍ତମାନ ଠାରୁ କ୍ଷମା ପ୍ରାର୍ଥନାରେ ଲାଗିପଡ଼ । ଯଦ୍ୱାରା ତୁମ ଉପରେ ଏପରି ବିପତି ଆସିବା ପୂର୍ବରୁ ହିଁ ଅଲ୍ଲାଃ ତୁମକୁ ସୁରକ୍ଷା ପ୍ରଦାନ କରିବେ । **(ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୨୧୯, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ତ ଏହା ଛୋଟ ଓ ନିମ୍ନମାନର ବିପତି କିନ୍ତୁ ସଂସାର ଯେଉଁ ଦିଗକୁ ଗତିକରୁଅଛି ଏବଂ ମଣିଷ ଯେଭଳି ଲଗାମଛଡ଼ା ହୋଇ ଅଲ୍ଲାଃଙ୍କୁ ଅସନ୍ତୋଷ କରିଚାଲିଛି ସେ ନିଜ ହାତରେ ଉକ୍ତ ବିପତିକୁ ନିମନ୍ତ୍ରଣ କରୁଅଛି । ଏପରି ପରିସ୍ଥିତିରେ ହଜରତ ମସିହ ମଉଦ ଆ.ସଙ୍କ ମାନ୍ୟକାରୀଙ୍କ କର୍ତବ୍ୟ ଏହି କି ଯେ, ଯେଉଁସ୍ଥଳେ ଆମେ ସେହି କୁପ୍ରଭାବରୁ ରକ୍ଷା ପାଇବା ନିମନ୍ତେ କ୍ଷମା ପ୍ରାର୍ଥନାରେ ବିଶେଷ ଧ୍ୟାନ ଦେବା ସେଠାରେ ସାଧାରଣତଃ ସଂସାରବାସୀଙ୍କ ପାଇଁ ଦୁଆ କରିବା କି ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

ପୁଣି ଇସ୍‌ତେଗ୍‌ଫାର୍‌ର ବାସ୍ତବିକତା ବର୍ଣ୍ଣନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ଜାଣି ରଖିବା ଉଚିତ୍ ଯେ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ତାର ଦୁଇଟି ବିଶେଷ ନାମ ବର୍ଣ୍ଣନା କରିଛି, ଗୋଟିଏ ହେଲା ଅଲ୍‌ହୟୁ ଏବଂ ଦ୍ୱିତୀୟଟି ଅଲ୍‌କୟୁମ୍ । ଅଲ୍‌ହୟୁର ଅର୍ଥ ହେଉଛି-ନିଜେ ଜିବୀତ ରହିବା ଏବଂ ଅନ୍ୟକୁ ଜୀବନ ପ୍ରଦାନ କରିବା । ଅଲ୍‌କୟୁମ୍‌ର ଅର୍ଥ ହେଉଛି-ନିଜେ ପ୍ରତିଷ୍ଠିତ ହେବା ଏବଂ ଅନ୍ୟକୁ ପ୍ରତିଷ୍ଠିତ କରାଇବାର ପ୍ରକୃତ କାରଣ ହେବା । ପ୍ରତ୍ୟେକ ଜିନିଷର ଭିତର ଓ ବାହ୍ୟର ପ୍ରତିଷ୍ଠା ଏବଂ ଜୀବନ, ଉକ୍ତ ଦୁଇଟି ଗୁଣ ଦ୍ୱାରା ସମ୍ଭବ ହୋଇଥାଏ । ତେଣୁ ହୟୁ ଶବ୍ଦର ଅର୍ଥ ହେଉଛି ଯେ ଅଲ୍ଲାଃତାଲାଙ୍କର ଉପାସନା କରାଯାଉ ଯେପରି ଏହାର ସୂଚକ ସୁରା ଫାତେହାର ଇୟାକା ନାବୁଦୁରେ ଅଛି । ଅଲ୍‌କୟୁମ୍ ଶବ୍ଦର ଅର୍ଥ ସାହାଯ୍ୟ ନିହିତ ଅଛି ଯାହାକୁ ଇୟାକା ନସ୍ତେଇନ୍ ଶବ୍ଦରେ ବର୍ଣ୍ଣନା କରାଯାଇଛି........ । **(ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୨୧୭)**

ହଜରତ ମସିହ ମଉଦ ଆ.ସ କୁହନ୍ତି- କୃତକାର୍ଯ୍ୟ ହେବା ନିମନ୍ତେ

ଦୁଆ ବହୁତ ବଡ଼ ଅସ ଅଟେ । ଦେଖ ହ.ୟୁନୁସ୍‌ର ସମ୍ପ୍ରଦାୟ କ୍ଷମା ପ୍ରାର୍ଥନା ଓ ଦୁଆ ବଳରେ (ଅଲ୍ଲାଃଙ୍କ ଧାର୍ଯ୍ୟ) ସାସ୍ତିରୁ ମୁକୁଳି ଗଲେ । ଏଥିରୁ ଏହି ଶିକ୍ଷା ମିଳୁଅଛି ଯେ, ଲୁହ ଗଡ଼ାଇ ସଦ୍‌କା କରି ନିଜ ଅର୍ଜିତ ଅପକର୍ମରୁ ମଧ୍ୟ ମୁକ୍ତି ହାସଲ କରାଯାଇପାରେ । ସ୍ୱପ୍ନବାକ୍ଷାକାରୀ ସ୍ୱପ୍ନରେ ଧନ ଦେଖିବାକୁ (ମଣିଷର) କଲିଜା ବୁଝିଥାନ୍ତି । ତେଣୁ ଦାନଧ୍ୟାନ କରିବା ଜୀବନ ଉତ୍ସର୍ଗ କରିବା ଅଟେ । ଦେଖ ମଣିଷ ଦାନ କରିବା ସମୟରେ କିଭଳି ଦୃଢ଼ତା ପ୍ରଦର୍ଶନ କରିଥାଏ । ଅସଲ କଥା ଏହି କି ଯେ, କେବଳ (ମୁହଁରେ) କହିଦେଲେ ହେବ ନାହିଁ ଯେପର୍ଯ୍ୟନ୍ତ ଅମଲ କରି ପ୍ରମାଣିତ କରି ନାହିଁ । ଦେଖ ସଦ୍‌କାର ଏପରି ନାମକରଣ ଏଥିପାଇଁ କି ତାହା ସଦ୍‌କାକାରୀର ସତ୍ୟବାଦୀ ହେବା ଦର୍ଶାଇଥାଏ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେମିତି ଗଛଲତା ଓ ଜମିବାଡ଼ିରେ ଆବଶ୍ୟକ ଜଳ ସିଂଚନ ନକଲେ (ଆଶା ମୁତାବକ) ଫଳ ଆସିନଥାଏ । ସେହିପରି ଯେପର୍ଯ୍ୟନ୍ତ ପୁଣ୍ୟ ରୂପକ ନିର ହୃଦୟକୁ ନମିଳେ ସେପର୍ଯ୍ୟନ୍ତ ତାହା ମଣିଷର କୌଣସି ଉପକାର ସାଧିତ କରିନଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ଘରମାନଙ୍କରେ ପୁଣ୍ୟକର୍ମ ଚର୍ଚ୍ଚା କରିବା ଉଚିତ୍ । ଯଦ୍ୱାରା ଦୁଆ ଓ କ୍ଷମା ପ୍ରାର୍ଥନା ପ୍ରତି ଧ୍ୟାନ ଆକର୍ଷିତ ହୋଇଥାଏ । ଏତତ୍ ବ୍ୟତୀତ ଉତମକର୍ମ କରିବା ପ୍ରତି ମଧ୍ୟ ଇଚ୍ଛା ଜାଗ୍ରତ ହୋଇଥାଏ । କାରଣ ସେହି ନିରରେ ହିଁ ପୁଣ୍ୟକର୍ମ(ରୂପକ) ଲତାର ବିକାଶ ଘଟିଥାଏ, ବିଶ୍ୱାସ ସୁଦୃଢ଼ ହୁଏ । ଆପଣ କୁହନ୍ତି ଅଲ୍ଲାଃଙ୍କ କୃପା ଲାଭ କରିବା ନିମନ୍ତେ ଯେଉଁସ୍ଥଳେ ନିୟମିତ ଭାବରେ ଉପାସନା କରିବା ଆବଶ୍ୟକ । ସେହିସ୍ଥଳେ ସମସ୍ତ ପ୍ରକାରର ଅନ୍ୟାୟ ଓ ଅତ୍ୟାଚରରୁ ନିବୃତ ରହିବା ସହିତ ଲୋକମାନଙ୍କୁ ସାହାର୍ଯ୍ୟ କରିବା ମଧ୍ୟ ଆବଶ୍ୟକ । ଘରେ ଅଧିକାଂଶ ସମୟ ସାଂସାରିକ ଭୋଗବିଳାସରେ ସମୟ ଅତିବାହିତ କରିବା ପରିବର୍ତେ ପୁଣ୍ୟ କର୍ମର ଚର୍ଚ୍ଚା କରିବା ଆବଶ୍ୟକ । ଏଥିସହିତ ଏପରି ବୈଠକମାନଙ୍କରୁ ମଧ୍ୟ ଦୂରେଇ ରହିବା ଆବଶ୍ୟକ ଯେଉଁଠାରେ କି ଥଟ୍ଟା ତାମସା ଓ ଅନ୍ୟର ପରିହାସ ମୂଳକ ଚର୍ଚ୍ଚା ଚାଲିଥାଏ ।

ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି- ସମସ୍ତ ଧର୍ମାଲମ୍ବୀ ଏଥିରେ ଏକମତ ଯେ, ସଦ୍‌କା ଓ ଖୈରାତ୍ ଦ୍ୱାରା ବିପତି ଦୂର ହୋଇଥାଏ । ପୁଣି ବିପତି ଆସିବାର ଯଦି ଅଲ୍ଲାଃତାଲା ପୂର୍ବରୁ ସୂଚନା ଦିଅନ୍ତି ତେବେ ତାହା ଓ୍ୱୟିଦ୍ (ଭୟଭିତ କରିବା) ଭବିଷ୍ୟବାଣୀ କୁହାଯାଏ । ସୁତରାଂ ଯେତେବେଳେ ସ୍ୱୟଂ ଅଲ୍ଲାଃ କୁହନ୍ତି- **ମୁଁ ସଦ୍‌କା ଓ କ୍ଷମା ପ୍ରାର୍ଥନା ଦ୍ୱାରା ଓ୍ୱୟିଦ୍ ଭବିଷ୍ୟବାଣୀ ମଧ୍ୟ ଏଡ଼ାଇ ଦେଇଥାଏ** । ତେବେ ଯଦି ଅଲ୍ଲାଃ ନିଜ ଅବତାର ଓ ସାଧୁସନଙ୍କ ମାଧ୍ୟମରେ ଆମ୍ଭକୁ ସୂଚନା ଦିଅନ୍ତି କି ଆସନ୍ତାରେ ଏଭଳି ବିପତି ଆସିବ ଓ ଆମ୍ଭକୁ ସଚେତନ କରାନ୍ତି ଯେମିତିକି ହ. ୟୁନୁସ୍‌ଙ୍କ ସମ୍ପ୍ରଦାୟ ପାଇଁ ଥିଲା ଏବଂ ସେମାନେ ଦୁଆ ଓ ସଦ୍‌କା ତଥା ଲୁହ ଝରାଇ ଧାର୍ଯ୍ୟ ସାସ୍ତିରୁ ରକ୍ଷା ପାଇଥିଲେ ଓ ତାହା ସେମାନଙ୍କ ଉପରୁ ଟଳିଯାଇଥିଲା । ଅତଏବ ଯଦି ଅବତାରଙ୍କ ଭବିଷ୍ୟବାଣୀ ଦୁଆ ଓ ସଦ୍‌କା ଦ୍ୱାରା ଟଳିଯାଏ ତେବେ ଯେଉଁ ବିପତି ମଣିଷର ଅପକର୍ମ ଯୋଗୁଁ ଏବଂ ଅଲ୍ଲାଃତାଲାଙ୍କୁ ଭୁଲିବା ହେତୁ ଆସୁଅଛି ତେବେ ତାହା କାହିଁକି ବା ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହେଲେ, କ୍ଷମାପ୍ରାର୍ଥନା, ଦୁଆ ଓ ସଦ୍‌କା ଦ୍ୱାରା ଟଳିବ ନାହିଁ । ନିଶ୍ଚିତ ଭାବରେ ଟଳିଯିବ କିନ୍ତୁ ସର୍ତ ଏହି କି ଯେ, ଆମ୍ଭର ଲୁହ ଝରାଇବା, ଦୁଆ ଓ ସଦ୍‌କା କରିବା ଅଲ୍ଲାଃଙ୍କ ଆଦେଶ ମୁତାବକ ହେବା ଉଚିତ୍ । ହଜରତ ମହମ୍ମଦ ସ.ଆ କୁହନ୍ତି- ସଦ୍‌କା ଅଲ୍ଲାଃଙ୍କ କୋପକୁ ଶାନ୍ତ କରିଦିଏ ତଥା ଅପକର୍ମରୁ ରକ୍ଷା କରିଥାଏ । ପୁନଃ ଆପଣ କୁହନ୍ତି ସଦ୍‌କା ଦେଇ ଅଗ୍ନିରୁ ରକ୍ଷାପାଅ । ଏଥିପାଇଁ ତୁମେ ଅଧା ଖଜୁର ଖର୍ଚ୍ଚ କରିବାର କାହିଁକି ବା ଶକ୍ତି ନପାଅ । ସୁତରାଂ ଏହି (ମୂଲ୍ୟବାନ) ତଥ୍ୟଗୁଡ଼ିକୁ ସର୍ବଦା ଆମ୍ଭକୁ ନିଜ ସମ୍ମୁଖରେ ରଖିବା ଉଚିତ୍ । ହୃଦୟରୁ ବାହାରୁଥିବା କ୍ଷମା ପ୍ରାର୍ଥନା ସର୍ବଦା ପାପାକର୍ମରୁ ରକ୍ଷା କରିଥାଏ ଏବଂ ଅଲ୍ଲାଃଙ୍କ ଦୟାକୁ ଉତେଜିତ କରିବା ସହିତ ତାଙ୍କ ନିକଟବର୍ତୀ କରିଥାଏ । ଏକଦା ହଜରତ ମହମ୍ମଦ ସ.ଆ କହିଲେ- **ଅଲ୍ଲାଃତାଲାଙ୍କୁ ଯେଭଳି (ଜିନିଷ) ମଗାଯାଇଥାଏ ତନ୍ମଧ୍ୟରୁ ତାଙ୍କୁ ସବୁଠାରୁ ଅଧିକ ପସନ୍ଦ ତାଙ୍କ ସରଣ ଭିକ୍ଷା କରିବା ଅଟେ** । ଆପଣ ଆହୁରି କୁହନ୍ତି କି ଦୁଆ ଯେଉଁ ବିପତି ଆସିଯାଇଛି ତାହାର ମୁକାବିଲାରେ ଯେଉଁ ବିପତି (ଏପର୍ଯ୍ୟନ୍ତ) ଆସି ନାହିଁ ଅଧିକ ଉପକାର ସାଧିତ କରିଥାଏ । ହଜୁର ଆ.ସ କୁହନ୍ତି ହେ ଅଲ୍ଲାଃଙ୍କ ଭକ୍ତଗଣ ! ତୁମ ପାଇଁ ଅନିର୍ବାର୍ଯ୍ୟ କି ତୁମେ ଦୁଆ କର । ହଜରତ ମସିହ ମଉଦ ଆ.ସ କୁହନ୍ତି- **ଅନ୍ୟମନସ୍କତାର ପାପ ଅନୁତାପର ପାପଠାରୁ ଢେର ଗୁଣ ଅଧିକ କାରଣ ତାହା ଜହର ଓ (ନିଜକୁ) ହତ୍ୟା କରିବା ଅଟେ** । ଯେ (ପ୍ରକୃତ) କ୍ଷମା ପ୍ରାର୍ଥନା କରି ନିଜ କରିଥିବା ଦୋଷ ସ୍ୱୀକାର କରି, ଆସନ୍ତାରେ ଅପକର୍ମରୁ ନିବୃତ ରହିବାର ପ୍ରତିଜ୍ଞା କରେ । ତାହାର ଉଦାହରଣ ଏପରି ଅଟେ, ଯେମିତି ସେ କୌଣସି ଅପକର୍ମ କରି ହିଁ ନାହିଁ ।

ଅଲ୍ଲାଃତାଲା ଆମ୍ଭକୁ ଦୁଆର ସତ୍ୟାସତ୍ୟ ବୁଝିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମ୍ଭେ ନିଷ୍ପାପର ଭାବରେ ତାଙ୍କ ଆଗରେ ନତମସ୍ତକ ହୋଇ । ନିଜ କରିଥିବା ଅପକର୍ମର କ୍ଷମା ପ୍ରାର୍ଥନା କରୁ ଏବଂ ଆସନ୍ତାରେ ସେଭଳି ଅପକର୍ମରୁ ନିବୃତ ରହିବାର ପ୍ରତିଜ୍ଞା କରି ସେଥିପ୍ରତି ଯତ୍ନବାନ ହେବାକୁ ଚେଷ୍ଟା କରୁ । ବିପତିରୁ ରକ୍ଷା ପାଇବା ନିମନ୍ତେ ଏଭଳି ସଦ୍‌କା କରିବା ଯାହାକି ଅଲ୍ଲାଃଙ୍କ ନିକଟରେ ଗ୍ରହଣୀୟ ହେବ । ଅଲ୍ଲାଃତାଲା ସର୍ବଦା ଆମ୍ଭକୁ ନିଜ ସରଣରେ ରଖି ଶତ୍ରୁ ଓ ବିରୋଧିମାନଙ୍କ ପ୍ରତ୍ୟେକ ଆକ୍ରମଣରୁ ଆମ୍ଭକୁ ସୁରକ୍ଷା ପ୍ରଦାନ କରିବା ସହିତ ସେହିମାନଙ୍କ ଉପରକୁ ହିଁ ସେମାନଙ୍କ ମନ୍ଦ ଯୋଜନା ଫେରସ୍ତ କରନ୍ତୁ । ଆମ୍ଭେ ସର୍ବଦା ଅଲ୍ଲାଃଙ୍କ ସେହି ଭକ୍ତମାନଙ୍କ ମଧ୍ୟରେ ପରିଗଣିତ ହେଉ ଯେ ନିଜ ହୃଦୟରେ ଈଶ୍ୱର ଭୟ ରଖିଥାନ୍ତି । ଆମ୍ଭେ ହଜରତ ମହମ୍ମଦ ସ.ଆ ଓ ହଜରତ ମସିହ ମଉଦ ଆ.ସଙ୍କ ଦୁଆର ଭାଗୀଦାର ହେଉ । ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ପାଠ ଅନ୍ତେ ମୁଁ ଗୋଟିଏ ଜନାଯାଃ ପାଠ କରିବି । ଯାହାକି ଶ୍ରୀମତି ସାଆଦା ବରତାଓ୍ୱୀ ସାହେବା ପତ୍ନୀ ଶ୍ରୀମାନ ମରି ବରତାଓ୍ୱୀ ସାହେବଙ୍କର ଅଟେ । ତାଙ୍କର ଦେହାନ୍ତ କୋଶ୍ ଅରବ ସିରୀୟାରେ ହୋଇଥିଲା ।

---

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 23/30 MARCH 2017 Issue No. 12-13

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

ଖଲିଫତୁଲ୍ ମସିହ୍ ଇସ୍‌ଲାମ୍‌ର ସବୁଠାରୁ ଉତମ ପଥ ପ୍ରଦର୍ଶକ ଅଟନ୍ତି ଏବଂ ଯେଉଁ ମାଧ୍ୟମରେ ଓ ଯେଉଁ କଥାର ହଜୁର୍ ବର୍ଣ୍ଣନା କଲେ ତାହା ଅଲ୍ଲାଃତାଲାଙ୍କ ଇଚ୍ଛା ମୁତାବକ ଅଟେ । ବାକି ଅନ୍ୟ ମୁସଲ୍‌ମାନ୍ ରହେନୁମା(ଲିଡର୍)ମାନଙ୍କୁ ଏହିପରି ବାର୍ତା ପହଂଚାଇବା ଉଚିତ୍ ।

ହଜୁର୍‌ଙ୍କର ବାର୍ତା ବହୁତ ଶକ୍ତିଶାଳୀ ଥିଲା । ଆପଣ ସଂସାରରେ ଏପରି ଜଣେ ବ୍ୟକ୍ତି ଅଟନ୍ତି ଯିଏ ଶାନ୍ତି, ସୌହାର୍ଦ୍ଦ୍ୟ ଓ ପ୍ରେମ ସମସ୍ତଙ୍କ ପାଇଁ କାମନା କରୁଛନ୍ତି । ମୁଁ ନିଜର ଭାବନାକୁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ ।

ହଜୁର୍‌ଙ୍କର ଇସ୍‌ଲାମ୍ ଏବଂ ଶାନ୍ତି ଉଦ୍ଦେଶ୍ୟରେ ଯେଉଁ ଭାଷଣ ଥିଲା ତାହା ମୋ ଭାବନାର ଅନୁରୂପ ଥିଲା । ହଜୁର୍‌ଙ୍କ ଚେହେରାରେ ଯେଉଁ ଜ୍ୟୋତି ପ୍ରକଟ ହେଉଥିଲା ତାହା ଅତି ସୁନ୍ଦର ଲାଗୁଥିଲା ।

**ତା-୨୨ ଅକ୍ଟୋବର-୨୦୧୬ ଦିନ ଅଇଓ୍ୱାନେ ତାହେର୍ କାନାଡ଼ାରେ ଅନୁଷ୍ଠିତ ପିସ୍ ସିମ୍ପୋଜିୟମ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଭାଷଣ ଶୁଣି ସିମ୍ପୋଜିୟମ୍‌ରେ ସାମିଲ୍ ହୋଇଥିବା ଅତିଥିମାନଙ୍କର ମନୋଭାବ ।**

*ପାଦ୍ରି ଚାର୍ଲ ଓଲାଙ୍ଗୋ (Uganda Martyrs United Church of Canada) ନିଜର ଭାବନା ବ୍ୟକ୍ତ କରି କହିଲେ: ଯାହା କିଛି ମୁଁ ଦେଖି ସାରିଛି ଖଲିଫତୁଲ୍ ମସିହ୍ ଇସ୍‌ଲାମ୍‌ର ସବୁଠାରୁ ଉତମ ପଥ ପ୍ରଦର୍ଶକ ଅଟନ୍ତି ଏବଂ ଯେଉଁ ମାଧ୍ୟମରେ ଓ ଯେଉଁ କଥାର ହଜୁର୍ ବର୍ଣ୍ଣନା କଲେ ତାହା ଅଲ୍ଲାଃତାଲାଙ୍କ ଇଚ୍ଛା ମୁତାବକ ଅଟେ । ବାକି ଅନ୍ୟ ମୁସଲ୍‌ମାନ୍ ରହେନୁମା(ଲିଡର୍)ମାନଙ୍କୁ ଏହିପରି ବାର୍ତା ପହଂଚାଇବା ଉଚିତ୍ । ଇସ୍‌ଲାମ୍ ନିଜର ଅନୁଯାୟୀମାନଙ୍କୁ ଏ କଥାର ପାବନ୍ଦି କରିଥାଏ ଯେ ସେମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କର ସୁରକ୍ଷା କରନ୍ତୁ ଏବଂ ଏପରି ଇସ୍‌ଲାମୀୟ ଶିକ୍ଷା ମୁଁ ପ୍ରଥମଥର ଶୁଣିଲି ଏବଂ ମୁଁ ହଜୁର୍‌ଙ୍କ ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ଏବଂ ହଜୁର୍‌ଙ୍କ ଇଚ୍ଛା ଥିଲା ଯେ ପ୍ରତ୍ୟେକ ଧର୍ମର ଲିଡର୍‌ମାନେ ଏକତ୍ର ବସି ବାର୍ତାଳାପ କରନ୍ତୁ ।

*ଏଲ୍‌ସ ମାଲ୍‌ଟନ୍ ଏଂଟାରଓ୍ୱେ ନିଜର ଭାବନା ବ୍ୟକ୍ତ କରି କହିଲେ:ମୁଁ ଖଲିଫତୁଲ୍ ମସିହ୍‌ଙ୍କ ଭ୍ରମଣକୁ ବିଶେଷ ଧ୍ୟାନର ସହିତ ଦେଖୁଅଛି । କିଛି ମାସ ପୂର୍ବେ ଜଲ୍‌ସା ସାଲାନା ୟୁ.କେ ସମୟରେ ଏବଂ ପୁଣି ଜଲ୍‌ସା ସାଲାନା କାନାଡ଼ାରେ ଓ ହଜୁର୍‌ଙ୍କ ପାର୍ଲିଆମେଂଟ୍ ଭ୍ରମଣ ସମୟରେ ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ ହେଇଥିଲା ମୋ ମନର ଆଶା ଥିଲା ଯେ ଖଲିଫତୁଲ୍ ମସିହ୍‌ଙ୍କ ସହିତ କିପରି ସାକ୍ଷାତ୍ ହୋଇପାରିବ ଯାହା ଆଜି ସମ୍ପୂର୍ଣ୍ଣ ହୋଇଗଲା ଏବଂ ସାକ୍ଷାତ ମଧ୍ୟ ହୋଇଗଲା । ହଜୁର୍‌ଙ୍କର ବାର୍ତା ବହୁତ ଶକ୍ତିଶାଳୀ ଥିଲା । ଆପଣ ସଂସାରରେ ଏପରି ଜଣେ ବ୍ୟକ୍ତି ଅଟନ୍ତି ଯିଏ ଶାନ୍ତି, ସୌହାର୍ଦ୍ଦ୍ୟ ଓ ପ୍ରେମ ସମସ୍ତଙ୍କ ପାଇଁ କାମନା କରୁଛନ୍ତି । ମୁଁ ନିଜର ଭାବନାକୁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ ।

*ବାଇଡ଼ି ମିନ୍ୟୁଟି ରିଟାର୍ଡ଼ ଟିଚର୍ ନିଜର ଭାବନା ବ୍ୟକ୍ତ କରି କହିଲେ: ଖଲିଫତୁଲ୍ ମସିହିଲ୍‌ଙ୍କ ସହିତ ସାକ୍ଷାତ୍ ପରେ ମୁଁ ଭାବ ବିହୋଳିତ ହୋଇଯାଇଛି । ମୁଁ ହଜୁର୍‌ଙ୍କର ଶାନ୍ତିମୟ ବାର୍ତା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ହଜୁର୍ ଆମ ସମସ୍ତଙ୍କ ପାଇଁ ପଥ ପ୍ରଦର୍ଶକ ଅଟନ୍ତି । ଯଦି ଆମେ ତାଙ୍କର ବାର୍ତା ଶୁଣିବା ଏବଂ ଅମଳ କରିବା ।

*ଗ୍ରେଗ୍ କେନେଡ଼ି ନିଜର ଭାବନା ବ୍ୟକ୍ତ କରି କହିଲେ: ମୁଁ ଆଜି ମୋ ଭଉଣୀ ସାଙ୍ଗରେ ଆସିଅଛି କାରଣ ସେ ଅଳ୍ପଦିନ ପୂର୍ବରୁ ଇସ୍‌ଲାମ୍ ଗ୍ରହଣ କରିଛନ୍ତି ଏବଂ ଆମେ ଦେଖିବାକୁ ଚାହୁଁଥିଲୁ ଯେ ଯମାତ୍ ଅହେମଦୀୟାର କ'ଣ ଶିକ୍ଷା ଅଛି । ହଜୁର୍‌ଙ୍କର ବାର୍ତା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଗଲି ଯେ ମୋ ଭଉଣୀ ସେମାନଙ୍କ ସହିତ ସାମିଲ୍ ହୋଇଛନ୍ତି ଯେଉଁମାନେ ଏତେ ପ୍ରେମ କରନ୍ତି ଏବଂ ସାହାଯ୍ୟ କରନ୍ତି ଏବଂ ଲୋକମାନଙ୍କର ସେବା ମଧ୍ୟ କରନ୍ତି । ଯେଉଁ କଥା ଆଜି ମୁଁ ଶିଖିଲି ସେଥିରେ ମୁଁ ବହୁତ ଖୁସି ଅଛି ।

*ସୁଜନ୍ ଫିନଲ୍ ପୂର୍ବତନ ମେୟର୍ ବ୍ରେମ୍ପଟନ୍ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି ଯେ ମୁଁ ଯମାତ୍ ଅହେମଦୀୟାକୁ ତିରିଶ ବର୍ଷ ହେବ ଜାଣିଛି ଏବଂ ବହୁତ ଗୁଡ଼ିଏ ପ୍ରୋଗ୍ରାମ୍‌ରେ ମୁଁ ସାମିଲ୍ ହୋଇଛି ଯେଉଁଥିରେ ଖଲିଫତୁଲ୍ ମସିହ୍ ଉପସ୍ଥିତ ଥିଲେ । ଏହା ମୋର ସୌଭାଗ୍ୟ ଯେ ମୋତେ ଆଜି ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ କରାଯାଇଛି । ହଜୁର୍‌ଙ୍କ ବାର୍ତା ସବୁବେଳେ ଶାନ୍ତିର ବାର୍ତା ଏବଂ ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ ର ଘୋଷଣା କରୁଅଛି । ମୁଁ ଲୋକମାନଙ୍କ ଏହା ବତାଇବାକୁ ଚାହୁଁଛି ଯେ ବିଶେଷ କରି ସେମାନଙ୍କୁ ଯେଉଁମାନେ ଅଲ୍ଲାଃଙ୍କ ବାର୍ତାକୁ ବୁଝିପାରୁନାହାଁନ୍ତି, ଏହା ଏକ ଶାନ୍ତିର ବାର୍ତା ଅଟେ । ଏଥିରେ କୌଣସି ଏପରି କଥା ନାହିଁ ଯାହା ଲୋକମାନଙ୍କୁ ବା ପଶୁଙ୍କୁ ବା କୌଣସି ଜୀବଜନ୍ତୁଙ୍କୁ କ୍ଷତି ପହଂଚାଇବ । ଏହା ଅଲ୍ଲାଃଙ୍କ ବାର୍ତା ଅଟେ ଆମ ସମସ୍ତଙ୍କ ପାଇଁ ।

*ରିଭରେଣ୍ଡ୍ ରୋବର୍ଟ ଲାଏଲ୍ (Minister of St, Andrews Presbyterian Church) ନିଜର ଭାବନା ବ୍ୟକ୍ତ କରି କହିଲେ: ମୁଁ ଆଜିର ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ଏବଂ ଏହାର କାରଣ ହଜୁର୍‌ଙ୍କର ବାର୍ତା ଥିଲା ଯେଉଁଥିରେ ଶାନ୍ତି, ପ୍ରେମ ଓ ଆଶାର ବାର୍ତା ଥିଲା ଏବଂ ଏହା ଏପରି ବାର୍ତା ଥିଲା ଯାହାର କୌଣସି ବର୍ଣ୍ଣ, ଜାତି, ପୂର୍ବ ପଶ୍ଚିମ, କୌଣସି ବିଶେଷ ସମୟ ବା ସ୍ଥାନ ସହିତ ସମ୍ପର୍କ ନଥିଲା ବରଂ ସାରା ଦୁନିଆର ଲୋକଙ୍କ ପାଇଁ ଥିଲା । ଏହି ଭାଷଣର ବିଶେଷତ୍ୱ ଏହା ମଧ୍ୟ ଥିଲା ଯେ ସଂସାରରେ ବହୁତ ଗୁଡ଼ିଏ ଭୁଲ୍, ଜ୍ଞାନ ଏବଂ ଅପପ୍ରଚାର ଭୟ ପ୍ରସାରିତ ହୋଇଅଛି । କିନ୍ତୁ ଆଜିର ବାର୍ତାରେ ଏହା ସ୍ପଷ୍ଟ ଥିଲା ଯେ ଆମମାନଙ୍କ ମଧ୍ୟରେ ଐକ୍ୟଭାବ ଅଧିକ ଅଛି ଏବଂ ଭିନ୍ନତା ବହୁତ କମ୍ ଅଛି । ଏହା ଗୋଟିଏ ବଡ଼ ଖୁସିର ବାର୍ତା ଅଟେ ଯାହାକୁ ଲୋକେ ଶୁଣିବା ଆବଶ୍ୟକ ।

*ଡ଼ାଃ ଇ ୟାନ୍ ବ୍ରକ୍ ପିସି ପାର୍ଟି ଓଂଟାରିଓ ର ପ୍ରତିନିଧି ନିଜର ଭାବନା ବ୍ୟକ୍ତ କରି କହିଲେ: ମୁଁ ହଜୁର୍‌ଙ୍କ ନିମନ୍ତେ ଶୁଭ କାମନାର ପ୍ରକାଶ କରୁଛି । ମୁଁ ହଜୁର୍‌ଙ୍କର ଭାଷଣକୁ ଅତ୍ୟନ୍ତ ପ୍ରଭାବଶାଳୀ ରୂପେ ଦେଖିଲି । ଆପଣଙ୍କ ବାର୍ତା ପ୍ରେମ ଏବଂ ନ୍ୟାୟର ବାର୍ତା ଥିଲା । ମୋର ଇଚ୍ଛା ଯେ ହଜୁର୍‌ଙ୍କର ଏହି ବାର୍ତା ଆହୁରି ଅଧିକ ବ୍ୟାପକ ହେଉ ।

*ଅଲ୍‌ମା ଯିଏ ଟୋରାଂଟୋରେ ଶିକ୍ଷକ ଅଛନ୍ତି ସେ ନିଜର ଭାବନା ବ୍ୟକ୍ତ କରି କହିଲେ ମୋ ମତରେ ଏହା ବହୁତ ଖୁସିର କଥା ଯେ ହଜୁର୍ ସଂସାରବାସୀଙ୍କ ପାଇଁ ଶାନ୍ତିର ବାର୍ତା ପେଶ୍ କରୁଛନ୍ତି ଏବଂ ଏହି ବାର୍ତା କେବଳ ମୁସଲ୍‌ମାନ୍ ପର୍ଯ୍ୟନ୍ତ ସିମୀତ ହୋଇନଥିଲା ବରଂ ସମସ୍ତ ବର୍ଣ୍ଣ ଓ ଜାତିର ଲୋକଙ୍କ ପାଇଁ

ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan